
ଧରିତ୍ରୀ
DHARITRI
August 19-25, 2018 ₹ 2/-

# ଛୁଟିଦିନ



## ମଦମୁକ୍ତ ଗାଁ


୩ ପ୍ରଚ୍ଛଦ ପ୍ରସଙ୍ଗ

ଦିନେ ନିଶାର ବ୍ୟାପକ ପ୍ରଚଳନ ପାଇଁ ଏହି ପଞ୍ଚାୟତକୁ ଲୋକେ ଭିନ୍ନ ଦୃଷ୍ଟିରେ ଦେଖୁଥିବାବେଳେ ଆଜି ନିଶାମୁକ୍ତ ଯୋଗୁ ଏହି ପଞ୍ଚାୟତଟି ପାଇଁ ସାରା ରାଜ୍ୟ ଗର୍ବିତ...

୮/୯ ସିନେମା



୧୩ ସହରଠୁ ଦୂର



# ହ୍ୟୁମାନ ଲାଇବ୍ରେରୀ



ଅବସର ସମୟକୁ ସୁବିନିଯୋଗ କରିବା ପାଇଁ ଆମ ଭିତରୁ ଅନେକେ ବହି ପଢିବା ପାଇଁ ପସନ୍ଦ କରନ୍ତି। କିଏ ବହିଟିଏ କିଣି ପଢିବା ପାଇଁ ପସନ୍ଦ କରନ୍ତି ତ ଆଉ କେହି ଲାଇବ୍ରେରୀରୁ ବହି ଆଣି ପଢିବା ପାଇଁ ପସନ୍ଦ କରନ୍ତି। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ପୁସ୍ତକ ଲାଇବ୍ରେରୀ ଭଳି ଏବେ ହ୍ୟୁମାନ ଲାଇବ୍ରେରୀର କନ୍‌ସେପ୍ଟ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି। ୨୦୦୦ ମସିହାରେ ଡେନ୍‌ମାର୍କର କୋପେନହେଗେନ୍‌ଠାରେ ସର୍ବପ୍ରଥମେ ଆରମ୍ଭ ହୋଇଥିବା ଏହି ନିଆରା କନ୍‌ସେପ୍ଟ ବର୍ତ୍ତମାନ ପୃଥିବୀର ପ୍ରାୟ ୮୦ ଦେଶରେ କାର୍ଯ୍ୟକରୁଛି। ଏହି କନ୍‌ସେପ୍ଟ ଅନୁଯାୟୀ ଆପଣ ବହି ଭଳି ମଣିଷମାନଙ୍କୁ ଧାର ନେଇ ସେମାନଙ୍କ ମୁହଁରୁ ତାଙ୍କ ଜୀବନ କାହାଣୀ ଶୁଣିପାରିବେ। ଏହା ବ୍ୟତୀତ ଆପଣ ସେମାନଙ୍କୁ ଏହି ଜନିତ ପ୍ରଶ୍ନ ପଚାରି ତାହାର ଉତ୍ତର ମଧ୍ୟ ପାଇପାରିବେ। ଏହି ଲାଇବ୍ରେରୀରେ ବିଭିନ୍ନ ବିଭାଗ ରହିଥାଏ। ଆପଣଙ୍କ ପସନ୍ଦ ମୁତାବକ ଯେକୌଣସି ବିଭାଗର ବ୍ୟକ୍ତିଙ୍କୁ ଚୟନ କରି ତାଙ୍କ ମୁହଁରୁ ଆଲୋଚ୍ୟ ବିଷୟ ଶୁଣି ପାରିବେ। ଭାରତରେ ଏହି ହ୍ୟୁମାନ ଲାଇବ୍ରେରୀର ଏକ ଇଭେଣ୍ଟ ସର୍ବପ୍ରଥମେ ଇନ୍ଦୋର ଏବଂ ଏହା ପରେ ହାଇଦ୍ରାବାଦ, ଦିଲ୍ଲୀ ଏବଂ ମୁମ୍ବାଇଠାରେ ଅନୁଷ୍ଠିତ ହୋଇଛି। ଏହି ସଂସ୍ଥାର ମୂଳ ଲକ୍ଷ୍ୟ ହେଉଛି ଲୋକଙ୍କ ମଧ୍ୟରେ ହିଂସା, ଦ୍ୱେଶ ଆଦିକୁ ଦୂରେଇ ସ୍ନେହ ସୌହାର୍ଦ୍ଦ୍ୟ, ଭାଇଚାରାର ସମ୍ପର୍କ ସ୍ଥାପନ କରିବା।



## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅଗଷ୍ଟ ୧୯-୨୫

**ମେଷ**
ରବିବାର- କାମରେ ସଫଳତା, ଯାତ୍ରାରେ ଲକ୍ଷ୍ୟପୂରଣ, କାରବାରରେ ଉନ୍ନତି। ସୋମ, ମଙ୍ଗଳ, ବୁଧ- ଅର୍ଥ ସଂଗ୍ରହ, ଆନୁଷ୍ଠାନିକ କାର୍ଯ୍ୟ। ଗୁରୁ, ଶୁକ୍ର, ଶନି- ଶାରୀରିକ ସୁସ୍ଥତା, ଶତ୍ରୁ ଉପଦ୍ରବ ହ୍ରାସ, ବିବାଦରୁ ଦୂରେଇ ରୁହନ୍ତୁ।

**ବୃଷ**
ରବିବାର- ସ୍ୱାସ୍ଥ୍ୟ ସମସ୍ୟା । ସୋମ, ମଙ୍ଗଳ, ବୁଧବାର- ସୌଖୀନ ଦ୍ରବ୍ୟ କ୍ରୟ, ଅର୍ଥ ଲାଭ, ବନ୍ଧୁଙ୍କ ପରାମର୍ଶ, ଭ୍ରାତୃବିବାଦ, କାମରେ ପ୍ରଶଂସା। ଗୁରୁବାରଠାରୁ ବ୍ୟୟ ବୃଦ୍ଧି, ନୂତନ କର୍ମସଂସ୍ଥାନ, କଚେରି ମାମଲାରୁ ଦୁଃଶ୍ଚିନ୍ତା, ସୁଯୋଗ ହରାଇବେ।

**ମିଥୁନ**
ରବିବାର- ସ୍ୱାସ୍ଥ୍ୟରେ ଉନ୍ନତି। ସୋମ, ମଙ୍ଗଳ, ବୁଧବାର- ଆର୍ଥିକ ଅଭିବୃଦ୍ଧି, ଭ୍ରମଣ ହେତୁକ କ୍ଳାନ୍ତି। ଗୁରୁବାରଠାରୁ କାର୍ଯ୍ୟହାନି, ଅନୁତାପ କରିବେ, ଆଶାବାଦୀ ହେବେ, କଳା, ସାହିତ୍ୟରେ ଉନ୍ନତି, ଆତ୍ମନିର୍ଭରଶୀଳ ହୋଇପାରନ୍ତି।

**କର୍କଟ**
ରବିବାର- ନୂତନ ଯୋଜନା, ପଡ଼ୋଶୀଙ୍କ ପ୍ରେରଣା, ଅର୍ଥ ଲାଭ। ସୋମବାର, ମଙ୍ଗଳବାର, ବୁଧବାର- କାମଟି ବିଳମ୍ବରେ ହେବ। ଗୁରୁ,ଶୁକ୍ର ଓ ଶନିବାର- ଅପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ, ସହକର୍ମୀଙ୍କ ଅସହଯୋଗ, ମନ ମାରି ରହିପାରନ୍ତି।

**ସିଂହ**
ମାନସିକ ଅସ୍ଥିରତା, ଶତ୍ରୁପୀଡ଼ା। ସୋମବାରଠାରୁ ଅଭିଯୋଗ ଆସିପାରେ, ବୁଝାମଣା ନେଇ ତିକ୍ତତା, ଶ୍ରମଜନିତ କ୍ଳାନ୍ତିବୋଧ, ପରିବହନରେ ଝଗଡ଼ା, ଗୁରୁବାରଠାରୁ କାର୍ଯ୍ୟସିଦ୍ଧି, ସରକାରୀ ସାହାଯ୍ୟ।

**କନ୍ୟା**
ରବିବାର- ପ୍ରତ୍ୟୁଷ ଯାତ୍ରା, ବନ୍ଧୁଙ୍କ ସଦ୍ଭାବ, ଅଧିକ ଧନ ପାଇବେ। ସୋମ, ମଙ୍ଗଳ, ବୁଧବାର- କାମ ଅଟକିବ ନାହିଁ, ସମ୍ମାନ ମିଳିବ। ଗୁରୁବାରଠାରୁ ଦୁର୍ଭାବନା ବଢ଼ିଚାଲିବ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି, କ୍ଳାନ୍ତିବୋଧ କରିପାରନ୍ତି।

**ତୁଳା**
ରବିବାର- ସୁସ୍ଥ ମାନସିକତା, ଦ୍ୱନ୍ଦ୍ୱର ଅବସାନ। ସୋମ, ମଙ୍ଗଳ, ବୁଧବାର- ବ୍ୟବସାୟରେ ସଫଳତା। ଗୁରୁ, ଶୁକ୍ରବାର- ବିତର୍କ ସୃଷ୍ଟି ହେବ, ବନ୍ଧୁ ମକଦ୍ଦମାରୁ ଚିନ୍ତାକୁଳ ହେବେ। ଶନିବାର- ପରିସ୍ଥିତିର ମୁକାବିଲାକରିବେ।

**ବିଛା**
ରବିବାର- ମନସ୍ତାପ, ବନ୍ଧୁଙ୍କ ସହାନୁଭୂତି, ସୁଯୋଗ ହାତଛଡ଼ା ହୋଇପାରେ। ସୋମ, ମଙ୍ଗଳ, ବୁଧବାର- ବ୍ୟୟ ଅଧିକ, ପାରିବାରିକ ସମସ୍ୟା, ଆମୋଦପ୍ରମୋଦ, କର୍ମମୁଖରବୃଦ୍ଧି, ଗୁରୁ, ଶୁକ୍ର ଓ ଶନିବାର- ପରିବହନରେ ଲାଭ।

**ଧନୁ**
ପ୍ରଥମ ଚାରିଦିନ- କର୍ମକ୍ଷେତ୍ରରେ ପ୍ରଶଂସା, ଆର୍ଥିକ ଉନ୍ନତି, ଯୋଜନାବଦ୍ଧ କାମ, ବନ୍ଧୁ ସାହାଯ୍ୟ, ଭ୍ରମଣ, କାର୍ଯ୍ୟସିଦ୍ଧି, ପରିବାରରେ ମନୋରଞ୍ଜନ କାର୍ଯ୍ୟକ୍ରମ, ମନଟା ବିଗିଡ଼ି ଯାଇପାରେ। ଆଶଙ୍କା ବୃଦ୍ଧିପାଇବ।

**ମକର**
ପ୍ରଥମ ତିନିଦିନ ବନ୍ଧୁ ମତାନ୍ତର, ଧନହାନି, ପାରିବାରିକ ସହାୟତା। ବୁଧବାରଠାରୁ ଭ୍ରମଣ, ରାଜନୀତି, ପ୍ରଶାସନିକ ଅଶାନ୍ତିକର ପରିବେଶ, ବନ୍ଧୁଙ୍କ ପରାମର୍ଶ ମିଳିବ। ଶୁକ୍ର ଓ ଶନିବାର- ଆତ୍ମୀୟମାନଙ୍କ ବିରୋଧ, କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବ।

**କୁମ୍ଭ**
ରବିବାର- ବିବାଦ ବୃଦ୍ଧି, ଦୂରଯାତ୍ରା। ସୋମବାରଠାରୁ ଶୁଭଖବର ପ୍ରାପ୍ତି, ବନ୍ଧୁଙ୍କ ବୃଥା ସନ୍ଦେହ, ଅର୍ଥ ଆଦାୟ, ଡାକ୍ତରଙ୍କ ପରାମର୍ଶ। ଗୁରୁବାରଠାରୁ ନୂତନ କାର୍ଯ୍ୟ, ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ, ପିଠି ଥାପୁଡ଼େଇ କାମ ହାସଲ କରିବେ। ରୋଗର ପୀଡ଼ା ବୃଦ୍ଧି ପାଇପାରେ।

**ମୀନ**
ପ୍ରଥମ ତିନିଦିନ ନୂତନ କର୍ମାରମ୍ଭ, ଆର୍ଥିକ ଅନଟନ, ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା, ବୁଧବାରଠାରୁ ଖୁସିରେ ଦିନ କଟିବ। ସତକଥା କହି ବିରୋଧୀ ହେବେ, ଭ୍ରମଣ ଓ କାର୍ଯ୍ୟସିଦ୍ଧି। ସହକର୍ମୀଙ୍କ ଦ୍ୱାରା ସମାଲୋଚିତ ହୋଇପାରନ୍ତି। ନୂତନ କର୍ମସଂସ୍ଥାନ, ବନ୍ଧୁ ପ୍ରସ୍ତାବ ସ୍ଥିରିକୃତ ହେବ।

## ଶୁଭ କାମରେ ଯାଉଥିଲେ....

ସାଧାରଣତଃ ଦେଖାଯାଏ କୌଣସି ଶୁଭ କାର୍ଯ୍ୟରେ ଯିବା ପୂର୍ବରୁ ଲୋକେ ଶୁଭ ବେଳା, ଲଗ୍ନ ଆଦି ଉପରେ ବିଶ୍ୱାସ କରିଥାନ୍ତି ତେବେ ଶୁଭ କାର୍ଯ୍ୟରେ ଯିବା ପୂର୍ବରୁ କେଉଁ ସବୁ ନିୟମ ଅବଲମ୍ବନ କଲେ ସଫଳତା ପ୍ରାପ୍ତି ହେବାର ବିଶ୍ୱାସ ରହିଛି ସେ ସମ୍ପର୍କରେ....

* ବାସ୍ତୁ ଏବଂ ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ଯଦି ଆପଣ ସୋମବାର ଦିନ କୌଣସି ଶୁଭ କାର୍ଯ୍ୟରେ ବାହାରକୁ ଯାଉଛନ୍ତି ତେବେ ଘରୁ ବାହାରିବା ପୂର୍ବରୁ ଥରେ ନିଜ ମୁହଁକୁ ଆଇନାରେ ଅବଶ୍ୟ ଦେଖନ୍ତୁ ଏହା ଦ୍ୱାରା ଆପଣଙ୍କ କାର୍ଯ୍ୟ ନିହାତି ସଫଳ ହେବ।

* ଶୁଭ କାର୍ଯ୍ୟ ପାଇଁ ମଙ୍ଗଳବାରକୁ ଶୁଭ ଦିନ ବୋଲି କୁହାଯାଏ। ତେବେ ଯଦି ଏହି ଦିନ କୌଣସି ଶୁଭ କାର୍ଯ୍ୟରେ ବାହାରକୁ ଯାଉଛନ୍ତି ତେବେ ଘରୁ ବାହାରିବା ପୂର୍ବରୁ କିଛି ମିଠା ଯେପରି ଗୁଡ, ବେସନ ଲଡୁ ଆଦି ଖାଇ ଘରୁ ବାହାରନ୍ତୁ।

* ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ବୁଧବାର ଦିନ ଯଦି କୌଣସି ଖାସ୍ କାମରେ ବାହାରକୁ ଯିବାକୁ ପଡୁଛି ତେବେ ବାହାରିବା ପୂର୍ବରୁ ଅଳ୍ପ ଧନିଆପତ୍ର ଅବଶ୍ୟ ଖାଆନ୍ତୁ। ଏହା ଦ୍ୱାରା କାର୍ଯ୍ୟ ସଫଳ ହେବାର ସମ୍ଭାବନା ବଢିଯାଇଥାଏ।



## ପାଠକୀୟ

ବେଳେବେଳେ ପିଲାଦିନ ଆଉ ସ୍କୁଲ ସମୟର ସ୍ମୃତି ସବୁ ଉଙ୍କିମାରେ ମନରେ। ଇଚ୍ଛା ହୁଏ ଫେରିଯାଆନ୍ତି କି ସେଇ ପୁରୁଣା ଦିନ ଓ ସାଙ୍ଗଙ୍କ ପାଖକୁ। ଦୁନିଆର ସବୁଠୁ ନିଆରା ବନ୍ଧୁତାର ସମ୍ପର୍କକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଅତୁଟ ଏଇ ସମ୍ପର୍କ' ଆଲେଖ୍ୟଟି ଏକ ସୁନ୍ଦର ବିଷୟ ଥିଲା। 'ଲଞ୍ଚ ବକ୍ସ ମ୍ୟୁଜିୟମ', 'ଘର ଭଡ଼ାରେ ନେଉଥିଲେ' ଆଦି ପାଠ ବି ଶିକ୍ଷଣୀୟ ହୋଇପାରିଥିଲା।

**-ବିଜୁ ସାହୁ, ଖଣ୍ଡାଏତା, କଟକ**

ପିଲାଦିନରୁ ଆରମ୍ଭ ହୋଇଥିବା ବାଲିଖେଳର ସମ୍ପର୍କ କ୍ରମେ ବୟସ ବୃଦ୍ଧି ହେବା ସଙ୍ଗେ ସଙ୍ଗେ କିପରି ଅତୁଟ ସମ୍ପର୍କରେ ପରିଣତ ହୋଇଯାଏ, ତାହା ଜଣାପଡ଼େନା। ସୁଖ, ଦୁଃଖର ସାଥୀ ହୋଇ ରହିଥିବା ସେମିତି କେତେଜଣ ବନ୍ଧୁଙ୍କୁ ନେଇ ପ୍ରସ୍ତୁତ ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଅତୁଟ ଏଇ ସମ୍ପର୍କ'ଟି ମୋ ମନକୁ ବେଶ୍ ପାଇଥିଲା। 'ଦେଶ ପରାଧୀନ ବେଳର ପତ୍ରପତ୍ରିକା' ପାଠଟିରୁ ଅନେକ ନୂଆ କଥା ଜାଣିବାକୁ ମିଳିଲା।

**-ଅଭିମନ୍ୟୁ ମିଶ୍ର, ମାର୍କେଟ ଛକ, ପୁରୀ**

ବ୍ୟକ୍ତିତ୍ୱ ପୃଷ୍ଠାରେ ସ୍ଥାନିତ 'କୂଟନୀତିଜ୍ଞ କବି' ପାଠଟିରୁ ଅଟଳବିହାରୀ ବାଜପେୟୀଙ୍କ ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିଲା। 'ସୃଜନ' ପୃଷ୍ଠାରେ ସ୍ଥାନିତ ଜୀବନଜୀବିକାର ଗପ ପାଠଟି ମୋ ମନକୁ ବେଶ୍ ଛୁଇଁଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ସଞ୍ଜନା ରାଜି ହେଲେନି ବୋଲି', 'ପ୍ରିୟଙ୍କାଙ୍କ ପ୍ରଶଂସାରେ କ୍ୟାଟ୍ରିନା', 'ରେକର୍ଡ ବ୍ରେକର ସଞ୍ଜୁ' ଆଦି ପାଠ ବେଶ୍ ମଜାଦାର ଥିଲା।

**-ଶରତ କୁମାର ସ୍ୱାଇଁ, ପଳାଶୁଣୀ, ଭୁବନେଶ୍ୱର**

ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ଗବେଷକ(ଶିଶୁ ସାହିତ୍ୟ ଓ ସଂସ୍କୃତି) ଡ.ଯୁଗଳ କିଶୋର ଷଡ଼ଙ୍ଗୀଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋ ମନକୁ ବେଶ୍ ପାଇଥିଲା। ମନ୍‌ସୁନ୍ ଫୁଟ୍‌ଓ୍ୱେର୍ ପାଠଟି ବି ମୋ ପସନ୍ଦଯୋଗ୍ୟ ହୋଇପାରିଥିଲା। କେରଳର ସଂସ୍କୃତି ଗାଁ ଟିକୋୟ ସମ୍ପର୍କରେ ନୂଆ ନୂଆ କଥା ଜାଣିବାକୁ ମିଳିଲା।

**-ଅଶୋକ କୁମାର ପଣ୍ଡା, ବ୍ରହ୍ମଗିରି, ପୁରୀ**

'ହାଇ ହିଲ୍ ପିନ୍ଧି ଦଉଡ଼ି ଉପରେ ଚାଲିଲେ', 'ସୁନ୍ଦରୀ ଝିଅ' ଏବଂ 'ନଭଶୁମ୍ବୀ ଅଟ୍ଟାଳିକାରୁ ଝରୁଛି ଜଳପ୍ରପାତ' ଆଦି ପାଠ ମୋତେ ଖୁବ୍ ଆଶ୍ଚର୍ଯ୍ୟ କରିଥିଲା। ହାଃ ହାଃ ଓ କାର୍ଟୁନ କର୍ନର ବେଶ୍ ମଜାଦାର ହୋଇପାରୁଛି।

**-ପଲ୍ଲବିନୀ ସେଠୀ, ନୟାଗଡ଼**

## ବିଶେଷ ଚିଠି




ବନ୍ଧୁତା ଏକ ପବିତ୍ର ସମ୍ପର୍କ
ନା କେବେ ଭୁଲି ହୁଏ,
ନା କେବେ ଛାଡି ହୁଏ,
ତାକୁ ତ କେବଳ ମନରେ
ଅନୁଭବ କରିହୁଏ,
ପ୍ରଚ୍ଛଦ ପ୍ରସଙ୍ଗ 'ଅତୁଟ ଏଇ ସମ୍ପର୍କ'
ପଢି ସ୍ମୃତି ସବୁ ତାଜା ହୁଏ।

**-ବିନୋଦ ବିହାରୀ ବେହେରା, ଗୋଶାଳା ରୋଡ୍, ନୂଆବଜାର, କଟକ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ମଦମୁକ୍ତ ଗାଁ





ଏଭଳି ଏକ ସମୟ ଥିଲା ଯେତେବେଳେ ମଦର ବହୁଳ ବ୍ୟବହାର ପାଇଁ ପଞ୍ଚାୟତଟି ଅନ୍ୟମାନଙ୍କ ପାଖରେ ପରିଚିତ ଥିଲା। ପ୍ରାୟ ଘରେଘରେ ବେଆଇନ ଦେଶୀ ମଦ ରନ୍ଧା ହେଉଥିବାବେଳେ ମଦୁଆଙ୍କ ସଂଖ୍ୟା ବି କିଛି କମ୍ ନ ଥିଲା। ପରିସ୍ଥିତି ଏପରି ଥିଲା ଯେ ଗାଁ ଲୋକ ମଦ ପିଇ ଗାଁ ଦାଣ୍ଡରେ ଗଡୁଥିଲେ। ଏହା ସହିତ ପଞ୍ଚାୟତର କେତେକ ଗାଁରେ ଯାନିଯାତ୍ରା ହେବା ସମୟରେ ଗଣ୍ଡଗୋଳ ଓ ବିଭ୍ରାଟ ମଧ୍ୟ ଦେଖାଯାଉଥିଲା । ମାତ୍ର ସେହି ପଞ୍ଚାୟତ ଯେ ଦିନେ ସମ୍ପୂର୍ଣ୍ଣ ନିଶାମୁକ୍ତ ହୋଇ ଦେଶରେ ଶ୍ରେଷ୍ଠ ହେବ ଏବଂ ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହେବ ଏକଥା କେହି କେବେହେଲେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ। ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିବା ସେହି ପଞ୍ଚାୟତଟି ସମ୍ବଲପୁର ଜିଲାର ଆଦିବାସୀ ଅଧ୍ୟୁଷିତ ବାମରା ବ୍ଲକର ଲରିଆପାଲି ପଞ୍ଚାୟତ।

ଗମନାଗମନ, ସ୍ୱାସ୍ଥ୍ୟସେବା, ଶିକ୍ଷା, ବିଦ୍ୟୁତ୍ ଓ ଫୋନ୍ ବ୍ୟବସ୍ଥା ଭଳି ମୌଳିକ ସୁବିଧା ସୁଯୋଗ ଏତେଟା ସୁଦୃଢ଼ ରହି ନ ଥିବାରୁ ଗତ ୨୦୧୭ ମସିହାରେ ଲରିଆପାଲି ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତ ଭାବେ ସାମିଲ କରାଯାଇଥିଲା। ଏହି କ୍ରମରେ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପରିପ୍ରେକ୍ଷୀରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ହାତକୁ ନେଇ ଆରମ୍ଭ କରାଯାଇଥିଲେ ସୁଦ୍ଧା ମଦର ବ୍ୟାପକ ପ୍ରଚଳନରେ କୌଣସି ପ୍ରକାର ସୁଧାର ଆସି ନ ଥିଲା। ମଦର ବହୁ ପ୍ରଚଳନ ଯୋଗୁ ଗାଁମାନଙ୍କରେ ଗଣ୍ଡଗୋଳ, ଘରୋଇ ହିଂସା, ଅଧାରୁ ପାଠ ଛାଡ଼ିବା, ଦାରିଦ୍ର୍ୟ ସହ କିଶୋର ଓ ବୟସ୍କମାନେ ମଦ ପିଉଥିବା ଘଟଣା ନଜରକୁ ଆସିଥିଲା। ଏପରି କି ଜିଲାର ୨ ଗୋଟି ଆଦର୍ଶ ପଞ୍ଚାୟତ ମଧ୍ୟରୁ ଲରିଆପାଲିଟି ମଦଯୁକ୍ତ ଅଟେ ବୋଲି ସାଧାରଣରେ ଚର୍ଚ୍ଚା ହେଉଥିଲା। ଅପରପଟେ ମିଳିତ ଓଡ଼ିଶା ନିଶା ନିବାରଣ, ଲୋକ ମୁକ୍ତି ସଂଗଠନ, ମହିଳା ସଂଘ, ବେସରକାରୀ ସଂସ୍ଥା 'ଏଓ୍ୱାର୍ଡ଼' ଆଦି ସଂସ୍ଥା ପକ୍ଷରୁ କୁଚିଣ୍ଡା ଉପଖଣ୍ଡ ଓ ବାମରା ବ୍ଲକର ବିଭିନ୍ନ ପଞ୍ଚାୟତଗୁଡ଼ିକରେ ସଚେତନତା ସଭା, ଶୋଭାଯାତ୍ରା, ସାଧାରଣ ସଭା, ବୈଠକ ଆଦିର ଆୟୋଜନ ଜୋର୍‌ସୋର୍ ଭାବେ ଚାଲୁ ରହିଥିଲେ ମଧ୍ୟ ଏହାର ବିଶେଷ ପ୍ରଭାବ ପଡ଼ି ନ ଥିଲା। ଭାରତ ନିର୍ମାଣ ସ୍ୱେଚ୍ଛାସେବୀଙ୍କ ଦ୍ୱାରା କରାଯାଇଥିବା ଏକ ସର୍ଭେରେ ଏହି ଗ୍ରାମ ପଞ୍ଚାୟତର ୧,୧୦୧ ଜଣ ନିଶାରେ ଆକ୍ରାନ୍ତ ବୋଲି ରିପୋର୍ଟ ଆସିଥିଲା। ଯେଉଁଥିରେ ୭୨୦ ଜଣ ମଦ ଓ ୮୧୧ଜଣ ଅନ୍ୟ ନିଶା ଦ୍ୱାରା ଆକ୍ରାନ୍ତ।

**ଦିନେ ନିଶାର ବ୍ୟାପକ ପ୍ରଚଳନ ପାଇଁ ଏହି ପଞ୍ଚାୟତକୁ ଲୋକେ ଭିନ୍ନ ଦୃଷ୍ଟିରେ ଦେଖୁଥିବାବେଳେ ଆଜି ନିଶାମୁକ୍ତ ଯୋଗୁ ଏହି ପଞ୍ଚାୟତଟି ପାଇଁ ସାରା ରାଜ୍ୟ ଗର୍ବିତ...**

ଦିନକର ଘଟଣା, ପଞ୍ଚାୟତର ରେଙ୍ଗାଲବେଡ଼ାର ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ହଠାତ୍ ଅପରାହ୍ନ ୪ଟାରେ ଲରିଆପାଲି ପଞ୍ଚାୟତ ସରପଞ୍ଚ ଶୁକ୍ରୁ କୁଜୁରଙ୍କ ଘରକୁ ଆସି ମଦ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ତାଗିଦ୍ କରିବା ସହିତ ଜିଦ୍ ଧରିଥିଲେ। ମହିଳାମାନଙ୍କୁ ବୁଝାଶୁଝା କରି ଫେରାଇବା ପରେ ସରପଞ୍ଚ ଆର୍ଟ ଅଫ୍ ଲିଭିଙ୍ଗର ସ୍ୱେଚ୍ଛାସେବୀ ତରଣୀ କୁମାର ସାହୁଙ୍କ ସହ କଥାବାର୍ତ୍ତା ପରେ ମଦକୁ ପଞ୍ଚାୟତରୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ ମନସ୍ଥ କରିଥିଲେ । ଏହି ଘଟଣାକୁ ନେଇ 'ଆର୍ଟ ଅଫ୍ ଲିଭିଙ୍ଗ'ର ରାଜ୍ୟ ସଂଯୋଜକ ଭୋଳାନାଥ ଜେନାଙ୍କ ପରାମର୍ଶ କ୍ରମେ ଅନ୍ୟାନ୍ୟ ସଭ୍ୟସଭ୍ୟାଙ୍କ ସହ ଆଲୋଚନା କରିଥିଲେ। ସରପଞ୍ଚ ଶୁକ୍ରୁ କୁଜୁରଙ୍କ ତତ୍ତ୍ୱାବଧାନରେ ଏବଂ ଆର୍ଟ ଅଫ୍ ଲିଭିଙ୍ଗର ଶିକ୍ଷକ ପଦ୍ମିନୀ ବଡ଼ନାୟକଙ୍କ ସଂଯୋଜନାରେ ମୋଟ ୫୪ ଜଣ ସ୍ୱେଚ୍ଛାସେବୀଙ୍କ ମଧ୍ୟରୁ ୩୭ଜଣ ସକ୍ରିୟ ସଭ୍ୟଙ୍କୁ ନେଇ ଆରମ୍ଭ କରାଯାଇଥିଲା 'ସମ୍ପୂର୍ଣ୍ଣ ନିଶା ନିବାରଣ ଅଭିଯାନ'। ଜିଲା ସଂଯୋଜକ ସୁବାସ ଚନ୍ଦ୍ର ନାୟକ, ଉପଖଣ୍ଡ ସଂଯୋଜକ ତଥା କୁଚିଣ୍ଡା ବ୍ଲକ ପୂର୍ବତନ ଅଧ୍ୟକ୍ଷ କରୁଣାକର କିଷାନ, ଲୋକମୁକ୍ତି ସଂଗଠନର ଉପଦେଷ୍ଟା ଅନନ୍ତ ପଣ୍ଡା, ସଂଯୋଜକ ଜିନିତ ସାମାଜଙ୍କ ସମେତ ସ୍ଥାନୀୟ ଯୁବକ ସଂଘ, ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବ ସ୍ୱେଚ୍ଛାସେବୀ ଓ ଗ୍ରାମବାସୀଙ୍କ ସହଯୋଗରେ ଗାଁ ଗାଁ ବୁଲି ପ୍ରଚାରପତ୍ର ବଣ୍ଟନ, ଶୋଭାଯାତ୍ରା, ସାଧାରଣ ସଭା, ବୈଠକ, ବିକ୍ଷୋଭ ଆଦି କାର୍ଯ୍ୟକ୍ରମ



ଲରିଆପାଲି ପଞ୍ଚାୟତ ଅନ୍ତର୍ଗତ ନୂଆଡିହି ଗ୍ରାମର ସ୍ୱେଚ୍ଛାସେବୀମାନେ

# ସେମାନଙ୍କ ମୁହଁରୁ...



**ଶୁକ୍ରୁ କୁକୁର, ସରପଞ୍ଚ, ଲରିଆପାଲି**

ଆମ ପଞ୍ଚାୟତକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବୁ ବୋଲି ଆଗେଇଥିଲୁ। ନିଶାମୁକ୍ତ ପଞ୍ଚାୟତ ଭାବେ ଦେଶରେ ଶ୍ରେଷ୍ଠ ହୋଇ ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ମିଳିବ, କେବେ ଭାବି ନ ଥିଲି। ଅଭିଯାନର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଉଛି। ଏଥିରେ ସମସ୍ତଙ୍କ ସହଯୋଗ ଥିଲା।



**ହିମାଦ୍ରି ଧୁରୁଆ, ନାଏବ ସରପଞ୍ଚ, ଲରିଆପାଲି**

ପୂର୍ବେ ଗାଁ ଲୋକେ ମଦ ପିଇ ଗାଁ ଦାଣ୍ଡରେ ଗଡୁଥିଲେ, ଯାନିଯାତ୍ରା ସମୟରେ ଗଣ୍ଡଗୋଳ ଓ ବିଭ୍ରାଟ କରୁଥିଲେ। ଏବେ କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ଆମ ଗାଁ ଟି ବର୍ତ୍ତମାନ ସ୍ୱର୍ଗ ଭଳି ହୋଇ ସବୁକିଛି ଠିକ୍ ଠାକ୍ ଚାଲି ସମ୍ପୂର୍ଣ୍ଣ ଶାନ୍ତିରେ ଅଛି।



**ସୁଦେଶା କର୍ସେଲ, ଭାରତ ନିର୍ମାଣ ସ୍ୱେଚ୍ଛାସେବୀ (ଆର୍ଟ ଅଫ୍ ଲିଭିଙ୍ଗ)**

ଆମ ପଞ୍ଚାୟତ ନିଶାମୁକ୍ତ ହେବା ପରେ ସମସ୍ତେ ଚିହ୍ନିଲେ। ଆମ ସମସ୍ତଙ୍କ ପ୍ରୟାସ ଓ ଚେଷ୍ଟା ଶେଷରେ ସଫଳ ହୋଇଛି। ଏଥିପାଇଁ ମୁଁ ବହୁତ ଖୁସି ଓ ସମସ୍ତଙ୍କୁ ଧନ୍ୟବାଦ ଦେଉଛି।



**ପଦ୍ମିନୀ ବଡ଼ନାୟକ, ଶିକ୍ଷକ, ଆର୍ଟ ଅଫ୍ ଲିଭିଙ୍ଗ, ଲରିଆପାଲି**

ଲରିଆପାଲି ପଞ୍ଚାୟତ ଦେଶରେ ଶ୍ରେଷ୍ଠ ହେବା ଯୋଗୁଁ ମୁଁ ବହୁତ ଗର୍ବ ଅନୁଭବ କରୁଛି। ରାଜ୍ୟର ମୋଟ ୫୦ଟି ଆଦର୍ଶ ପଞ୍ଚାୟତ ମଧ୍ୟରୁ ଲରିଆପାଲି ପଞ୍ଚାୟତ ନିଜର ସ୍ୱତନ୍ତ୍ର ପରିଚୟ ଆଣି ଦେଇଛି।



**ଯଦୁ ଗୁଆଲା–ପୂର୍ବତନ ମଦ ବିକ୍ରେତା, ଖୋଲବିଲୁଙ୍ଗ୍**

ମୁଁ ଜଣେ ବରିଷ୍ଠ ନାଗରୀକ ଅଟେ। କିଛି ଆୟ ନ ଥିବାରୁ ଦେଶୀ ମଦ ବିକ୍ରି କରି ପରିବାର ପୋଷୁଥିଲି। ବର୍ତ୍ତମାନ ବେକାରୀ ଭାବେ ପଡ଼ିରହିଛି। ବାର୍ଦ୍ଧକ୍ୟ ଭତ୍ତା ମଧ୍ୟ ମିଳୁନାହିଁ।



**ସୁରେନ୍ଦ୍ର କୁମାର ପଟେଲ, ଗୌନ୍ତିଆ ନୁଆଁଡିହି**

ପଞ୍ଚାୟତ ପାଇଁ ବହୁ ଗର୍ବର କଥା। ମାତ୍ର କେତେକ ଅସାମାଜିକ ଲୋକ ବର୍ତ୍ତମାନ ମଧ୍ୟ ଗାଁରେ ଚୋରାରେ ମଦ ବିକ୍ରି କରୁଛନ୍ତି। ଏହା ଠିକ୍ ନୁହେଁ, ପ୍ରଶାସନ ତଥା ଅବକାରୀ ବିଭାଗ ଦୃଷ୍ଟି ଦିଅନ୍ତୁ।



**ତରଣୀ କୁମାର ସାହୁ, ସ୍ୱେଚ୍ଛାସେବୀ, ଲରିଆପାଲି**

ବହୁତ ଦିନର ସାଧନା ସଫଳ ହେଲା। ଆଦର୍ଶ ପଞ୍ଚାୟତ ଭାବେ ଲରିଆପାଲି ପଞ୍ଚାୟତର ଅନେକ ଅଭାବ ଅସୁବିଧା ବର୍ତ୍ତମାନ ବି ରହିଛି। ସେଥିପାଇଁ ସମସ୍ତଙ୍କ ସହଯୋଗ ଦରକାର।



**ସୁବାଷ ଚନ୍ଦ୍ର ନାୟକ–** "ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ"ର ଜିଲା ସଭାପତି

ବାମରା ବ୍ଲକ ଲରିଆପାଲି ପଞ୍ଚାୟତର ରଚନାତ୍ମକ ଓ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ପାଇଁ ପ୍ରାୟ ୯୦ ଭାଗ ସଫଳ ହୋଇଛି। ଏଥିପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ, ସାମାଜିକ ଯୁବ କର୍ମୀ, ପଞ୍ଚାୟତ ପ୍ରତିନିଧି, ଭାରତ ନିର୍ମାଣ ସ୍ୱେଚ୍ଛାସେବୀଙ୍କ ପ୍ରୟାସ ସ୍ୱାଗତଯୋଗ୍ୟ ଅଟେ।



**କରୁଣାକର କିସାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ, କୁଚିଣ୍ଡା ତଥା ତାଲୁକ ଆଇନ ସହାୟତା ସମିତି ସଦସ୍ୟ**

କେବଳ ଲରିଆପାଲି ପଞ୍ଚାୟତ ନିଶାମୁକ୍ତ ହେଲେ ଚଳିବ ନାହିଁ। ସାରା ରାଜ୍ୟକୁ ନିଶାମୁକ୍ତ କରିବା ଆମର କାମ। ସି.ଏ.ଜି.ର ସରକାରୀ ରିପୋର୍ଟ ଅନୁସାରେ ପ୍ରତିବର୍ଷ ୫୦ ପ୍ରତିଶତ ହାରରେ ମଦ ବିକ୍ରିରେ ବୃଦ୍ଧି ହେଉଥିବା ଜଣାପଡ଼ିଛି। ଯଦି ଏହିଭଳି ଲଗାତାର ହୁଏ ତେବେ ଓଡ଼ିଶାର ସ୍ଥିତି ନିଶା ବ୍ୟବହାରରେ କେଉଁଠି ରହିବ ତାହା ଚିନ୍ତାର ବିଷୟ ଅଟେ। ରାଜ୍ୟ ସରକାର ଏହାର ଉପରେ ଦୃଷ୍ଟି ଦିଅନ୍ତୁ।



**ସୁବୋଧ କୁମାର ପଟେଲ, ସମାଜସେବୀ**

ଲରିଆପାଲି ପଞ୍ଚାୟତ ଭଳି ରାଜ୍ୟର ଅନ୍ୟ ପଞ୍ଚାୟତ ଗୁଡ଼ିକ ମଧ୍ୟ ସେହିଭଳି ଅନୁକରଣ କରି ଉଦାହରଣ ପାଲଟିବା କଥା।

କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ବିରୋଧର ସମ୍ମୁଖୀନ ହେବା ସହିତ ଗଣ୍ଡଗୋଳିଆ ପରିସ୍ଥିତିର ମୁକାବିଲା ମଧ୍ୟ କରିବାକୁ ପଡ଼ିଥିଲା। ଏହି କ୍ରମରେ ନିଶାମୁକ୍ତି ଅଭିଯାନର ଅନ୍ୟତମ ନାୟିକା ସାଜିଥିବା ପଞ୍ଚାୟତର ନାଏବ ସରପଞ୍ଚ ହିମାଦ୍ରୀ ଧୁରୁଆ ନିଶାସକ୍ତ ଖୋଲବିଲୁଙ୍ଗ ଗାଁର ନେତୃତ୍ୱ ନେଇଥିଲେ। ଫଳସ୍ୱରୂପ ପୂର୍ବରୁ ଚାଲୁଥିବା ୨ ଗୋଟି ବେଆଇନ ଖଜୁରିଆ ଭାଟି ଓ ୨ ଗୋଟି ଦେଶୀ ମଦ ଭାଟିକୁ ସମ୍ପୂର୍ଣ୍ଣ ବନ୍ଦ କରିବାରେ ସଫଳ ହୋଇଥିଲେ। କେବଳ ସେତିକି ନୁହେଁ ଗାଁରେ ନାରୀ ସଂଘ ଗଠନ କରି ଶତାଧିକ ମହିଳାମାନଙ୍କୁ ନେଇ ସଭାପତି ଶାନ୍ତି ମହାନ୍ତ ଓ ସମ୍ପାଦିକା ପ୍ରେମଲତା ନାଏକଙ୍କ ସହଯୋଗରେ ଜରିମାନା ବାବଦକୁ ମୋଟ ୩୦ ହଜାର ଟଙ୍କା ନଗଦ ଅସୁଲି ମଧ୍ୟ କରିପାରିଥିଲେ। ଏହି କ୍ରମରେ ଏସ୍‌ଏଚ୍‌ଜି ଗ୍ରୁପ୍ ଦ୍ୱାରା ପ୍ରଥମଥର ମଦ ବିକ୍ରି କରି ଧରାପଡିଲେ ୫୦୦୦ ଟଙ୍କା ଏବଂ ଦ୍ୱିତୀୟ ଥର ଧରାପଡିଲେ ୧୦,୦୦୦ଟଙ୍କା ଜରିମାନା ଦେବାପାଇଁ ଗ୍ରାମପଞ୍ଚାୟତମାନେ ନିଷ୍ପତ୍ତି ନେଲେ। ପରବର୍ତ୍ତୀ ସମୟରେ ଖୋଲବିଲୁଙ୍ଗ ଗାଁ ସମ୍ପୂର୍ଣ୍ଣ ନିଶାମୁକ୍ତ ହେଲା। ପଞ୍ଚାୟତର ଲରିଆପାଲି, କୁଲାଡେରା, ସାଗରପାଲି, ଗୋଏଲଝୁମା, ଘୁଘର, ରେଙ୍ଗାଲବେଡ଼ା, ବଡ଼ଖଲିଆ, ନୁଆଁଡିହି, ଡୁମେରବାହାଲ ଆଦି ଗାଁଗୁଡ଼ିକୁ ଆର୍ଟ ଅଫ୍ ଲିଭିଙ୍ଗର ଶିକ୍ଷକ ପଦ୍ମିନୀ ବଡ଼ନାୟକ, ଯୁବ ଆଚାର୍ଯ୍ୟ ସୁଦଶା କର୍ସେଲ, ଦୁର୍ଗା ସେନାପତି, ପାର୍ବତୀ କମାର, ମହେନ୍ଦ୍ର କିଷାନ, ସୁଧୀର ନାଏକ, ଜୟନ୍ତୀ ନାୟକଙ୍କ ସମେତ ଅନ୍ୟାନ୍ୟ ସ୍ୱେଚ୍ଛାସେବୀମାନେ ଯାଇ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବାକୁ ସଂକଳ୍ପବଦ୍ଧ ହୋଇଥିଲେ। ଉକ୍ତ ମହତ କାର୍ଯ୍ୟରେ ନବୀନ ଚନ୍ଦ୍ର ସେନାପତି, ଭଗବାନ ବାରିକ, ପ୍ରଫୁଲ୍ଲ ପୁଷ୍ଟେଠ, ସୁକେଶ ସାହୁଙ୍କ ସହଯୋଗକ୍ରମେ ଶେଷରେ ଲରିଆପାଲି ପଞ୍ଚାୟତକୁ ସମ୍ପୂର୍ଣ୍ଣ ନିଶାମୁକ୍ତ ପଞ୍ଚାୟତ ଭାବେ ଚୟନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ଜୁନ୍ ୨୬ ତାରିଖରେ ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ଅବସରରେ ନୂଆଦିଲ୍ଲୀର ବିଜ୍ଞାନ ଭବନ କକ୍ଷରେ ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପଞ୍ଚାୟତର ସରପଞ୍ଚ ତଥା ଅଭିଯାନର ମୁଖ୍ୟ ସଂଯୋଜକ ଶୁକ୍ରୁ କୁକୁର ଓ ରାଜ୍ୟ ସଂଯୋଜକ ଭୋଳାନାଥ ଜେନାଙ୍କୁ କେନ୍ଦ୍ର ସରକାର ଓ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଲରିଆପାଲି ପଞ୍ଚାୟତର ବିଭିନ୍ନ ଗାଁମାନଙ୍କରେ ବେଆଇନ ମଦ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିବା ମଦ ବେପାରୀ ଓ କୁଚିଆମାନେ ବର୍ତ୍ତମାନ ନିଶାମୁକ୍ତ ଗାଁ ହେବା ପରେ ସମ୍ପୂର୍ଣ୍ଣ ବେରୋଜଗାର ପାଲଟିଥିବା କାରଣରୁ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ ସଚିବ ନୀତିନ ଚନ୍ଦ୍ରଙ୍କ ତତ୍ତ୍ୱାବଧାନରେ ସ୍ୱରୋଜଗାରକ୍ଷମ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏଥିପାଇଁ ମୋଟ ୬୪ ଜଣଙ୍କୁ ଚିହ୍ନଟ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯିବ ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି।

ଆଜି ଲରିଆପାଲି ପଞ୍ଚାୟତ ସମ୍ପୂର୍ଣ୍ଣ ନିଶାମୁକ୍ତ ହୋଇ ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାବେଳେ ଏବେ ସବୁଠୁ ଖୁସିରେ ଅଛନ୍ତି ଏଠାକାର ଗ୍ରାମବାସୀମାନେ। ଆଗରୁ ମଦ ପିଇ ସବୁବେଳେ ମାତାଲ୍ ରହୁଥିବା ଓ ଏବେ ସମ୍ପୂର୍ଣ୍ଣ ମଦ ଛାଡି ଦେଇଥିବା ଜଣେ ଗ୍ରାମବାସୀ କୁହନ୍ତି, ଏବେ ମଦ ଛାଡ଼ି ଦେବା ପରେ ମତେ ବହୁତ ଆନନ୍ଦ ଲାଗୁଛି। ଲୋକେ ମତେ ଆଦର ଓ ସମ୍ମାନ କରୁଛନ୍ତି। ଅନ୍ୟମାନଙ୍କୁ ମଧ୍ୟ ନିଶା ତ୍ୟାଗ କରିବାକୁ ପ୍ରବର୍ତ୍ତାଇବି। ସେହିଭଳି ଆଉ ଜଣେ ନିଶା ଛାଡ଼ିଥିବା ବ୍ୟକ୍ତି କହନ୍ତି, ଦୀର୍ଘ ୮ ବର୍ଷ ହେଲା ନୂଆଁଡିହିର ୮, ରେଙ୍ଗାଲବେଡା ଗ୍ରାମର ୮ ଏବଂ ଖୋଲବିଲୁଙ୍ଗ ଗ୍ରାମର ୧୫ ଗୋଟି ଏସ୍‌ଏଚ୍‌ଜିର ମା'ମାନେ ମିଶି ନିଶାମୁକ୍ତ ଅଭିଯାନ ଚଳାଇ ଆସୁଥିଲୁ। ଶେଷରେ ଆମ ପରିଶ୍ରମ ଫଳରେ ପଞ୍ଚାୟତଟି ନିଶାମୁକ୍ତ ହେଲା। ଅନ୍ୟ ଜଣେ ନିଶା ଛାଡ଼ିଥିବା ବ୍ୟକ୍ତିଙ୍କ ସ୍ତ୍ରୀ କୁହନ୍ତି, ମଦ ପିଇ ପ୍ରତିଦିନ ମାରପିଟ୍ ଓ ଝଗଡ଼ା କରୁଥିଲା। ଛୁଆମାନଙ୍କ ଉପରେ ମଧ୍ୟ ଖୁବ୍ ଅତ୍ୟାଚାର କରୁଥିଲେ। ଏବେ ସେ ନିଶା ଛାଡ଼ିବା ପରେ ଆମକୁ ପୁନର୍ଜନ୍ମ ପାଇଲା ଭଳି ଲାଗୁଛି। ଆମେ ବେଶ୍ ହସଖୁସିରେ ଅଛୁ। ପ୍ରକୃତରେ ନିଶାମୁକ୍ତ ହେବା ପରେ ଲରିଆପାଲି ପଞ୍ଚାୟତ ଏବେ ସମସ୍ତଙ୍କ ପାଇଁ ଆଦର୍ଶ ଓ ଉଦାହରଣ ହୋଇ ରହିବ। ଏଥିରେ ସନ୍ଦେହ ନାହିଁ।

ଉପସ୍ଥାପନା–**ରାଜା ଖାନ୍, ବାମରା**
ସହଯୋଗ– **ସନ୍ତୋଷ ଶୁକ୍ଲା**



ସରପଞ୍ଚ ଶୁକ୍ରୁ କୁକୁର ମହାମହିମ ରାଷ୍ଟ୍ରପତିଙ୍କଠାରୁ 'ନିଶାମୁକ୍ତ ପଞ୍ଚାୟତ ଲରିଆପାଲି' ପୁରସ୍କାର ଗ୍ରହଣ କରୁଛନ୍ତି।



# ଭେଲ୍‌ଭେଟ୍ ଫ୍ୟାଶନ







ଭେଲ୍‌ଭେଟ୍ ଏମିତି ଏକ ଫାବ୍ରିକ, ଯାହାକୁ ପ୍ରାୟ ସମସ୍ତେ ପସନ୍ଦ କରିଥାନ୍ତି। ଏହା ଆଉଟ୍‌ଫିଟ୍‌କୁ ରୟାଲ୍ ଟଚ୍ ଦେଇଥାଏ। କେବଳ ଆଉଟ୍‌ଫିଟ୍ କାହିଁକି ଭେଲ୍‌ଭେଟ୍‌ର ଫୁଟ୍‌ୱେର୍ ତଥା ଫ୍ୟାଶନ ଆସେସରିଜ୍ ବି ବେଶ୍ ଆକର୍ଷଣୀୟ ଲାଗେ। ତେବେ ଏହି ଭେଲ୍‌ଭେଟ୍ ଫ୍ୟାଶନକୁ କେମିତି ଅପ୍‌ଡେଟ୍ କରିବେ, ସେ ନେଇ କିଛି ଟିପ୍ସ...

**ଟପ୍ସ ବା ଜ୍ୟାକେଟ୍:** ଅଲ୍ ଟାଇମ୍ ଫ୍ୟାଶନେବଲ୍ ଲୁକ୍ ଦେଇଥାଏ ଭେଲ୍‌ଭେଟ୍ ଟପ୍ସ ନଚେତ୍ ଏହାର ଜ୍ୟାକେଟ୍। ସାଙ୍ଗମାନଙ୍କ ସହ ଆଉଟିଂରେ ଗଲାବେଳେ ଏହାକୁ ସର୍ଟ୍ସ କିମ୍ବା ଜିନ୍ସ ସହ ପେୟାର୍ କରିପାରିବେ। ଖାସ୍ କରି ମେରୁନ୍, ଗ୍ରୀନ୍ ଅବା ବ୍ଲୁ କଲର୍‌ର ଭେଲ୍‌ଭେଟ୍ ଟପ୍ସ ବା ଜ୍ୟାକେଟ୍ ଅଧିକ ଆକର୍ଷଣୀୟ ଲାଗିଥାଏ।

**ସ୍କର୍ଟ:** ଭେଲ୍‌ଭେଟ୍‌ର ସ୍କର୍ଟ ବି ମଡର୍ନ ଲୁକ୍ ଦେଇଥାଏ। ବିଶେଷକରି ନି ଲେନ୍ଥ ସ୍କର୍ଟକୁ ଆଜିର ଯୁବପିଢ଼ିମାନେ ଅଧିକ ପସନ୍ଦ କରୁଥିବାର ଦେଖିବାକୁ ମିଳୁଛି। ତେବେ ମେରୁନ୍ କଲର୍‌ର ଭେଲ୍‌ଭେଟ୍ ସ୍କର୍ଟ ପିନ୍ଧିଲାବେଳେ କଳା ରଙ୍ଗର ଟପ୍ସ, ହଳଦିଆ ରଙ୍ଗର ସ୍କର୍ଟ ସାଙ୍ଗେ ଧଳା ରଙ୍ଗର ଟପ୍ସ ଏବଂ ସବୁଜ ରଙ୍ଗର ସ୍କର୍ଟ ସାଙ୍ଗେ ଉଭୟ ଧଳା ଓ କଳା ରଙ୍ଗର ଟପ୍ସ ଖୁବ୍ ସୁନ୍ଦର ମାନିଥାଏ।

**ଗାଉନ୍:** ଯଦି ଆପଣ କୌଣସି ପାର୍ଟି କିମ୍ବା ନାଇଟ୍ ଆଉଟ୍ ପାଇଁ ବାହାରୁଥାନ୍ତି, ତା'ହେଲେ ଭେଲ୍‌ଭେଟ୍ ଗାଉନ୍ ଆପଣଙ୍କ ପାଇଁ ବେଷ୍ଟ ହେବ। ଏହାର ଉଭୟ ଲଙ୍ଗ୍ ଗାଉନ୍ ଏବଂ ନି-ଲେନ୍ଥ ଗାଉନ୍ ଆକର୍ଷଣୀୟ ଲୁକ୍ ଦେଇଥାଏ। ତେବେ ଏହି ଗାଉନ୍ ସହିତ ମେଟାଲିକ୍ ସାଣ୍ଡେଲ୍, ବ୍ରେସ୍‌ଲେଟ୍ ତଥା ହ୍ୟାଙ୍ଗିଙ୍ଗ୍ ଇୟର୍ ରିଂକୁ ମ୍ୟାଚ୍ କଲେ ପରଫେକ୍ଟ ପାର୍ଟି ଲୁକ୍ ମିଳେ।

**ଶାଢ଼ି:** ପାର୍ଟି ଫଙ୍କଶନ୍ ହେଉ ଅବା ପୂଜାପାର୍ବଣ ସମୟରେ ଭେଲ୍‌ଭେଟ୍ ଶାଢ଼ି ପିନ୍ଧିଲେ ଗର୍ଜିୟସ୍ ଲୁକ୍ ମିଳେ। ଯଦି ଭେଲ୍‌ଭେଟ୍ ଶାଢ଼ି ପିନ୍ଧିବାକୁ ଇଚ୍ଛା ନାହିଁ, ତା'ହେଲେ ଯେ କୌଣସି ପ୍ଲେନ୍ ଶାଢ଼ି ସହ ମ୍ୟାଚିଂ କରି ଭେଲ୍‌ଭେଟ୍ ବ୍ଲାଉଜ୍ ବି ଟ୍ରାଏ କରିପାରିବେ। ଏବେ ମାର୍କେଟ୍‌ରେ ଭେଲ୍‌ଭେଟ୍‌ର ଅନେକ ଲାଟେଷ୍ଟ ଡିଜାଇନ୍‌ର ବ୍ଲାଉଜ୍ ମିଳୁଥିବାର ଦେଖିବାକୁ ମିଳୁଛି।

**ଫୁଟ୍‌ୱେର୍:** ପାଦକୁ ଆକର୍ଷଣୀୟ ଲୁକ୍ ଦେବାକୁ ଚାହୁଁଥିଲେ ଆପଣ ଭେଲ୍‌ଭେଟ୍ ଫୁଟ୍‌ୱେର୍ ବି ଟ୍ରାଏ କରିପାରିବେ। ସବୁଠୁ ମୁଖ୍ୟ କଥା ହେଲା, ଏହି ଫୁଟ୍‌ୱେର୍‌କୁ ଯେ କୌଣସି ଆଉଟ୍‌ଫିଟ୍ ସହ ପେୟାର୍ କଲେ ଭଲ ମାନିଥାଏ।

**ଫ୍ୟାଶନ୍ ଆସେସରିଜ୍:** ଆଜିକାଲି ଭେଲ୍‌ଭେଟ୍‌ର ଇୟରିଂ, ବ୍ରେସଲେଟ୍ ତଥା ହେୟାର କ୍ଲିପ୍ ବି ମିଳିଲାଣି। ନିଜ ଆଉଟ୍‌ଫିଟ୍‌ର ରଙ୍ଗକୁ ମ୍ୟାଚ୍ କରି ଏସବୁ ଫ୍ୟାଶନ ଆସେସରିଜ୍ ଟ୍ରାଏ କଲେ ଲୁକ୍ ବହୁତ ସୁନ୍ଦର ଦେଖାଯାଇଥାଏ।












# ଭି.ଏସ୍. ନଇପଲ୍






ବିଶ୍ୱ ସାହିତ୍ୟର ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଭି.ଏସ୍. ନଇପଲ୍। ତାଙ୍କର ପୂରା ନାମ ସାର୍ ବିଦିଆଧର ସୁରଜ୍‌ପ୍ରସାଦ ନଇପଲ୍। ନିର୍ଭୀକ ମନ୍ତବ୍ୟ ଦେବାରେ ସେ ଥିଲେ ଖୁବ୍ ଆଗରେ। ସେଥିଲାଗି ବହୁ ସମୟରେ ତାଙ୍କୁ ବିବାଦକୁ ମୁଣ୍ଡରେ ମୁଣ୍ଡେଇ ଚାଲିବାକୁ ହେଉଥିଲା। ବିଶ୍ୱ ସାରସ୍ୱତ ଜଗତରେ ଏହି ମହାନ୍ ମଣିଷ ଭାରତୀୟ ସାହିତ୍ୟ ପାଠକଙ୍କ ପାଇଁ ଥିଲେ ବେଶ୍ ମହତ୍ତ୍ୱପୂର୍ଣ୍ଣ। କାରଣ ନଇପଲ୍‌ଙ୍କ ମୂଳ ଏଇ ଭାରତରେ ହିଁ ଥିଲା। ଖୋଲାଖୋଲି ଭାବରେ କହିଲେ ତାଙ୍କର ପୂର୍ବପୁରୁଷମାନେ ଥିଲେ ଭାରତୀୟ ବଂଶୋଦ୍ଭବ। ଜଣେ ଭାରତୀୟଙ୍କ ନିକଟରୁ ଜନ୍ମ ହୋଇଛନ୍ତି ବୋଲି ସେ ଅନେକଥର ପ୍ରକାଶ କରିଥିଲେ। ଜୀବନବ୍ୟାପୀ ସାହିତ୍ୟ ସର୍ଜନା ନିମନ୍ତେ ତାଙ୍କୁ ମିଳିଥିଲା ଅନେକ ସମ୍ମାନ ଓ ସ୍ୱୀକୃତି।

**ପରିବ୍ରାଜକ ନଇପଲ୍ :** ବ୍ୟକ୍ତିଗତ ଜୀବନରେ ନିଜକୁ ଜଣେ ପରିବ୍ରାଜକ ବା ଟ୍ରାଭେଲର୍ ବୋଲି ମନେକରୁଥିଲେ ନଇପଲ୍। ବିଭିନ୍ନ ଦେଶ ଭ୍ରମଣ କରିବା ଥିଲା ତାଙ୍କର ଏକ ବିଶେଷ ରୁଚି। ସେଥିଲାଗି ତାଙ୍କର ସାହିତ୍ୟରେ ଭ୍ରମଣର ସ୍ପର୍ଶ ରହିଥାଏ। ପୁଣି ଉପନିବେଶବାଦକୁ ସମାଲୋଚନା କରିବାରେ ନଇପଲ୍ ଥିଲେ ଶତମୁଖ। ତାଙ୍କ ରଚନାରେ ବ୍ରିଟିଶ୍ ସାମ୍ରାଜ୍ୟବାଦରେ ଔପନିବେଶିକ କାହାଣୀ ବିଶେଷ ଭାବରେ ପ୍ରତିଫଳିତ ହୋଇଥାଏ ।

**ବୁକରଠୁ ନୋବେଲ୍ :** କେବଳ କାଳ୍ପନିକ କାହାଣୀ ବା ଫିକ୍‌ସନ୍ ନୁହେଁ; ବାସ୍ତବବାଦୀ ତଥା ଅନୁଭୂତିସମ୍ପନ୍ନ ରଚନା ଯଥା: ଭ୍ରମଣ କାହାଣୀ, ପ୍ରବନ୍ଧ ଆଦି ରଚନାରେ ମଧ୍ୟ ସେ ବେଶ୍ ପ୍ରସିଦ୍ଧି ହାସଲ କରିଥିଲେ। ୧୯୭୧ ମସିହାରେ ତାଙ୍କୁ ସମ୍ମାନଜନକ



ବୁକର ପୁରସ୍କାର ପ୍ରଦାନ କରାଯାଇଥିଲା। ତାଙ୍କ ନାମରେ ଥିବା ଅନ୍ୟାନ୍ୟ ପୁରସ୍କାରଗୁଡ଼ିକ ମଧ୍ୟରେ ରହିଛି ଲିୱେଲିନ୍ ପ୍ରାଇଜ୍ (୧୯୫୮), ସମରସେଟ୍ ମମ୍ ଆୱାର୍ଡ (୧୯୬୦), ହାଥୋରଣ୍ଡେନ୍ ପ୍ରାଇଜ୍ (୧୯୬୪), ଜେରୁଜେଲମ୍ ପ୍ରାଇଜ୍ (୧୯୮୩) ଏବଂ ଆହୁରି ଅନେକ। ନଇପଲ୍‌ଙ୍କ ଗଦ୍ୟ ସାହିତ୍ୟ ଏଭଳି ପ୍ରଭାବଶାଳୀ ଯେ ତାଙ୍କୁ 'ମାଷ୍ଟର ଅଫ୍ ମଡର୍ନ ଇଂଲିଶ୍ ପ୍ରୋଜ୍' ବୋଲି କୁହାଯାଇଥାଏ। ୧୯୪୫ ମସିହା 'ଦି ଟାଇମ୍ସ' ପକ୍ଷରୁ ୫୦ ଜଣ ଗ୍ରେଟେଷ୍ଟ ବ୍ରିଟିଶ୍ ଲେଖକଙ୍କୁ ନେଇ ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏଥିରେ ନଇପଲ୍ ଥିଲେ ସପ୍ତମ ସ୍ଥାନରେ। ୨୦୦୧ରେ ତାଙ୍କୁ ମିଳିଥିଲା ସାହିତ୍ୟର ସର୍ବୋଚ୍ଚ ସମ୍ମାନ 'ନୋବେଲ୍ ପୁରସ୍କାର'।


**ଜନ୍ମ ଓ ପରିବାର :** ୧୯୩୨ ମସିହା ଅଗଷ୍ଟ ୧୭ ତାରିଖରେ ନଇପଲ୍‌ଙ୍କ ଜନ୍ମ। ଜନ୍ମସ୍ଥାନ : ତ୍ରିନିଦାଦ୍‌ର ଚାଗୁଆନା। ବାପା ଶୀପରସାଦ ନଇପଲ୍। ଶୀପରସାଦ ନଇପଲ୍ ଥିଲେ ଜଣେ ଭାରତୀୟ ବଂଶୋଦ୍ଭବ। ସେ ପେସାରେ ଥିଲେ ଜଣେ ସାମ୍ବାଦିକ। ତାଙ୍କର ପୂର୍ବପୁରୁଷ ଅର୍ଥାତ ଜେଜେବାପା ଓ ଅନ୍ୟମାନେ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ। ସେମାନେ ଥିଲେ ବିଦେଶରେ ପ୍ରଥମ ପିଢ଼ି। ନୈଷ୍ଠିକ ହିନ୍ଦୁତ୍ୱ ମନୋଭାବ ନେଇ ସେମାନେ ଶିଶୁ ବିଦିଆକୁ ବଢ଼େଇଥିଲେ। ପୁଣି ଭାରତର ଐତିହ୍ୟ ସଂସ୍କୃତିକୁ ସେଇମାନେ ହିଁ ତାଙ୍କ ଭିତରେ ଭର୍ତ୍ତି କରିଥିଲେ। ପିଲାଦିନୁ ଜଣେ ଲେଖକ ହେବେ ବୋଲି ମନସ୍ଥ କରିନେଇଥିଲେ ବିଦିଆ। ସେଥିଲାଗି ସେ ୟୁରୋପୀୟ ସାହିତ୍ୟ ସହିତ ସବୁ ଭାଷାର ସାହିତ୍ୟ ପଢ଼ିଥିଲେ। ପୁଣି ଫାଣ୍ଟାସୀ ତଥା ଲୋକଗପ ସବୁକୁ ଆତ୍ମସ୍ଥ କରିଥିଲେ।

**ବିବାହ :** ନଇପଲ୍‌ଙ୍କ ପ୍ରଥମ ପତ୍ନୀ ହେଉଛନ୍ତି ପାଟ୍ରିସିଆ ହେଲ୍। ତେବେ କ୍ୟାନ୍‌ସରରେ ପାଟ୍ରିସିଆଙ୍କର ମୃତ୍ୟୁ ଘଟିଲା। ନଇପଲ୍ ଏବଂ ପାଟ୍ରିସିଆ ଥିଲେ ପରସ୍ପରର ସହଯୋଗୀ। ପାଟ୍ରିସିଆ କେବଳ ନଇପଲ୍‌ଙ୍କର ସହଧର୍ମିଣୀ ନ ଥିଲେ, ସେ ଥିଲେ ଜଣେ ସଫଳ ସହକର୍ମିଣୀ। ସେ ନଇପଲ୍‌ଙ୍କ ରଚନାର ଜଣେ ମୁଗ୍ଧ ପାଠିକା ଥିଲେ। କେବଳ ସେତିକିନୁହେଁ, ନଇପଲ୍‌ଙ୍କ ରଚନା ସବୁକୁ ସେ ସମ୍ପାଦନା କରୁଥିଲେ। ତେବେ ସେମାନଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ନ ଥିଲା। ନଇପଲ୍‌ଙ୍କ ବୋହେମିଆନ୍‌ପଣ ତଥା ପରକୀୟା ସମ୍ପର୍କକୁ ସେ ବରଦାସ୍ତ କରୁ ନ ଥିଲେ। ବିଶେଷକରି, ମାର୍ଗାରେଟ୍ ଗୁଡିଙ୍ଗ୍‌ଙ୍କ ସହିତ ନଇପଲ୍‌ଙ୍କ ପ୍ରେମ ସମ୍ପର୍କ ଥିଲା। ଗୁଡିଙ୍ଗ୍ ଥିଲେ ବିବାହିତା। ସେମାନଙ୍କ ସମ୍ପର୍କକୁ ପାଟ୍ରିସିଆ ଦୃଢ଼ ଭାବରେ ବିରୋଧ କରୁଥିଲେ। ଫଳରେ ତାଙ୍କ ଦାମ୍ପତ୍ୟ ଜୀବନରେ ଅନେକଥର ଝଡ଼ ସୃଷ୍ଟି ହୋଇଥିଲା। ଏହି ଦୁଃଖମୟ ଦାମ୍ପତ୍ୟର ଯବନିକା ଟାଣିଥିଲା କ୍ୟାନ୍‌ସର।

**ନାଦିରା ନଇପଲ୍ :** ଏହାପରେ ତାଙ୍କ ଜୀବନକୁ ଆସିଲେ ପାକିସ୍ତାନୀ ତରୁଣୀ ନାଦିରା। ନାଦିରା ପେସାରେ ଥିଲେ ଜଣେ ସାମ୍ବାଦିକା। ଅବଶ୍ୟ ନାଦିରା ଆଗରୁ ବିବାହ କରିଥିଲେ। ମାତ୍ର ସେ ତାଙ୍କ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇ ଏକୁଟିଆ ରହୁଥିଲେ। ସେ ଯାହାହେଉ ପାଟ୍ରିସିଆଙ୍କ ସ୍ଥାନ ପୂରଣ କରିନେଇଥିଲେ ନାଦିରା। ବାସ୍ତବିକ ପୂର୍ବରୁ ନାଦିରାଙ୍କ ସହିତ ନଇପଲ୍‌ଙ୍କର ସମ୍ପର୍କ ଥିଲା। ସେମାନେ ପାକିସ୍ତାନୀ ଖବରକାଗଜ 'ଦି ନେସନ୍'ରେ ଏକତ୍ର କାର୍ଯ୍ୟ କରୁଥିଲେ।

**ମିଷ୍ଟର ବିଶ୍ୱାସଙ୍କ ଘର :** 'ଏ ହାଉସ୍ ଅଫ୍ ମିଷ୍ଟର ବିଶ୍ୱାସ' ନଇପଲ୍‌ଙ୍କୁ ସାହିତ୍ୟ ଜଗତରେ ପରିଚିତି ଦେଇଥିଲା। ଏହାପୂର୍ବରୁ ଅବଶ୍ୟ ସେ କିଛି ଉପନ୍ୟାସ, କ୍ଷୁଦ୍ରଗଳ୍ପ ତଥା ଟ୍ରାଭେଲ କାହାଣୀ ରଚନା କରିଥିଲେ। ଏହାସତ୍ତ୍ୱେ 'ଏ ହାଉସ୍ ଅଫ୍ ମିଷ୍ଟର ବିଶ୍ୱାସ' ତାଙ୍କ ପାଇଁ ଥିଲା ଏକ ମାଇଲ୍‌ଖୁଣ୍ଟ, ଯାହା ସହାୟତାରେ ସେ ସମଗ୍ର ବିଶ୍ୱର ସାହିତ୍ୟମାର୍ଗକୁ ଅତିକ୍ରମ କରିବାକୁ ଅଣ୍ଟା ଭିଡ଼ିଥିଲେ। ସାହିତ୍ୟିକ ଭାବରେ ଯେତିକି ସୁନାମ ଅର୍ଜନ କରିଥିଲେ ; ଜଣେ ବିବଦମାନ ବ୍ୟକ୍ତିତ୍ୱ ଭାବରେ ମଧ୍ୟ ସେତିକି ଚର୍ଚ୍ଚା ତାଙ୍କୁ ନେଇ ହେଉଥିଲା। ଇସ୍‌ଲାମ୍ ଧର୍ମ ସମ୍ପର୍କରେ ତାଙ୍କର ମନ୍ତବ୍ୟ ତାଙ୍କୁ ବିବାଦୀୟ କରି ପକାଉଥିଲା।

ସମ୍ଭବତଃ ଅଗଷ୍ଟ ମାସ ନଇପଲ୍‌ଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ମାସ ଥିଲା। କାରଣ ତାଙ୍କର ଜନ୍ମ ଅଗଷ୍ଟମାସରେ ହୋଇଥିବା ବେଳେ ମୃତ୍ୟୁ ମଧ୍ୟ ଅଗଷ୍ଟମାସରେ ହିଁ ଘଟିଲା। ୨୦୧୮, ଅଗଷ୍ଟ ୧୧ ତାରିଖରେ ତାଙ୍କର ପରଲୋକ ଘଟିଛି।







# ବର୍ଷାର ପାଞ୍ଚଟି ସ୍କେଚ୍

– ଅନ୍ତର୍ଯ୍ୟାମୀ ମିଶ୍ର

॥ ୧ ॥

ତୁ ଯେଉଁ ଆକାଶର ବାଦଲ ଆଖିରୁ
ଝରାଉଛୁ ନିତି ଲୁହ
କେମିତି କହିବି ବୁଝାଇ ତତେ ମୁଁ
ସେଇ ଆକାଶର ମୁହଁ... ॥

॥ ୨ ॥

ତୁ ଦେଇଥିବା ଦାଗ
ଆଖି ଲୁହେ ଧୋଇଗଲା
ବିରହ ମନକୁ ବରଷାଟା ଆସି
ଠିଆଠିଆ ଜାଳିଦେଲା... ॥

॥ ୩ ॥

ବର୍ଷା ହେଲା ବୋଲି ଛତା ତୁ ଖୋଜୁଛୁ
ଭିଜିବାକୁ ଲାଗେ ଡର
ଭିଜି ଭିଜି ଲୁହେ ନିଇତି ତିନ୍ତୁଛି
କରିଦେଲୁ ଯେବେ ପର... ॥

॥ ୪ ॥

ଦୁଇ ହାତ ଖୋଲି ଆକାଶକୁ ଚାହିଁ
ମାଗୁଛୁ କାହିଁକି ପାଣି
ଆଞ୍ଜୁଳେ ଲୁହ ମୁଁ ଦେଇଦେବି ତତେ
ରହିଯିବି କାଳେ ଋଣୀ... ॥

॥ ୫ ॥

ଡିଆଁ ହୁମ୍ପା ମାରି
ଆକାଶ ଛାତିରେ ବାଦଲରେ ଧାଉଁଥିଲି
ମାଟି ଲୋଭ ଦେଇ ମାଟି କରିଦେଲୁ
ପାଣି ହେଇ ଶୁଖିଗଲି... ॥

– ବେଲସାଉଁଳିଆ,
ବାସୁଦେବପୁର, ଭଦ୍ରକ

# ବର୍ଷା

## ଛଅଟି ନାନୋ ଗପ

– ପବିତ୍ର ବ୍ରହ୍ମପୁତ୍ର ନାୟକ

॥ ଏକ ॥

କଲେଜ ଆସିବା ଆଗରୁ ବୋଉ ତାଗିଦ୍ କଲା । ଆକାଶରେ ମେଘ ଡାଙ୍କିଛି ଛତା ନେଇ ଯା ।

ହେଲେ ବୋଉ କାହିଁ ବୁଝିବ ବିନା ଛତାରେ ବର୍ଷାର ମଜା ।

॥ ଦୁଇ ॥

ଅସରାଏ ମେଘରେ ମୁଁ ଗୋଟାପଣ ଭିଜିଗଲି । ତଥାପି ମୁଁ ଖୁସି ଥିଲି । ଯଦି ମୁଁ ଭିଜି ନ ଥା'ନ୍ତି ? ଆନି କ'ଣ ତା' ଓଢ଼ଣି ଦେଇଥାନ୍ତା ମତେ ପୋଛି ହବା ପାଇଁ ।

॥ ତିନି ॥

ବିଜୁଳି ଦେଖି ବୁଢ଼ୀମା' କହିଲା– ଆରେ ପଦାକୁ ଯାଆନି । ଶୁଖିଲା ବିଜୁଳି ଭାରି ବିପତ୍ତି । ହେଲେ ଏଇ ବିଜୁଳିକୁ ମୁଁ ଯେ ଖୋଜୁଥିଲି ସେ ଜାଣି ପାରୁ ନ ଥିଲା ।

କାରଣ ବିଜୁଳି ଦେଖି ଆନି ମତେ ଜାବୁଡ଼ି ଧରୁଥିଲା ।

॥ ଚାରି ॥

ବର୍ଷା ଦେଖି ଖୁସି ହେଉଥିଲା ଝିଅ । ହେଲେ ଏଇ ବର୍ଷା ପାଇଁ କୁହୁଳୁଥିଲା ତା' ବାପା ମନର ନିଆଁ । କାରଣ ଯେତେସବୁ ପ୍ରୋଜେକ୍ଟ ତା' ବାପାର ଫେଲ୍ ମାରିଲା ଏଇ ବର୍ଷା ପାଇଁ ।

॥ ପାଞ୍ଚ ॥

ପାଣିପାଗ ବିଭାଗର ସୂଚନା ଦେଖି ଲୋକଟି ଖୁସି ହେଲା । କାଲିଠୁ ଖୁବ୍ ବର୍ଷା ।

ହେଲେ ବର୍ଷା ପରେ ଯେତେବେଳେ ପରିସ୍ଥିତି ଅଣାୟତ୍ତ ହେଲା, ତା' ମନରେ ଦୁଃଖ ଜଳଜଳ ଦିଶୁଥିଲା ।

॥ ଛଅ ॥

ତିନି ଦିନ ଧରି ଲଗାଣ ବର୍ଷା ଯୋଗୁ ଚୁଲି ଜାଳିପାରି ନଥିଲା ରେବା । ଖୁବ୍ ଦୁଃଖୀ ଥିଲା । ହେଲେ ଏଇ ତିନି ଦିନ ଧରି ବର୍ଷା ଯୋଗୁ କୁନା ସ୍କୁଲ୍ ଯାଇ ନ ଥିବାରୁ ଖୁବ୍ ଖୁସି ହଉଥିଲା ।

*– ବ୍ରହ୍ମପୁତ୍ର ଛାତ୍ରାବାସ,
ଆଇ.ଆଇ.ଏମ୍.ସି. କ୍ୟାମ୍ପସ୍,
ଢେଙ୍କାନାଳ*

# ବର୍ଷାରେ ଦାମ୍ପତ୍ୟ

– ସସ୍ମିତା ରାଉତ

ସମୁଦ୍ରରେ ରହୁଥିବା ମାଛମାନଙ୍କୁ
ମଧ୍ୟ ମୁଁ ଦେଖିଛି ପାଣି ଭିତରୁ ମୁଣ୍ଡ ଟେକି
ବର୍ଷାରେ ତିନ୍ତିଯିବାର !
ପହଁରିବା ଏବଂ ଭିଜିବାର ପାର୍ଥକ୍ୟ
ସେମାନଙ୍କୁ ବେଶ୍ ଭଲଭାବରେ ଜଣା,
'ତୁମ' ଖୋଳପାରେ ରହି
'ମୁଁ'କୁ ପଣସ ମଞ୍ଜି ପରି
କାଟିକାଟି ବାହାର କରିବା ପରେ
ସ୍ପଷ୍ଟଦିଶେ ସମ୍ପର୍କ ।
ଏଇ ମଧ୍ୟାନ୍ତରରେ ଝୁଣ୍ଟିପଡ଼ି ଗୋଟେ
ପାଦ ଆଗକୁ ବଢ଼ିଯାଏ ଯାହା ପ୍ରେମ,
ଗୁପ୍‌ଚୁପ୍ ପରେ ଆଇସ୍କ୍ରିମ୍‌ର
ସ୍ୱାଦ ନିଆରା ନିଶ୍ଚୟ ।

ମୋ ସୋରିଷ ମସଲା ବୋଳା
ଶାଳପତ୍ରରେ ବନ୍ଧା ଦେହ !
ସେ ବି ଠେସିଦେଇଛି କିଛି ଅଙ୍ଗାର !
ଏମିତି ଏକ ବର୍ଷା ରାତିରେ
ମୋ ନରମ ମାଂସକୁ
ଖୁଣ୍ଟି ଖାଇବାରେ ନିହାତି ଆନନ୍ଦ ତା'ର
ଏହାକୁ 'ମୁଁ'ର ମୋହ
ଆଉ 'ତୁମେ'ର ମୋ' କହିପାର !

*– ତାଳଚେର, ଅନୁଗୋଳ*



# ବର୍ଷା

– ନୀଳକଣ୍ଠ ସାହୁ

ଆହ୍ଲାଦପଣର ଛାତି ଚିରି
ବର୍ଷା ଆସିଛି
ଅନ୍ଧାରି ମୁଲକର
ଅପହଞ୍ଚ ଇଲାକାରେ ।

ଲୋଡ଼ିବାପଣର ଏରୁଣ୍ଡି ଡେଇଁ
ଥପ୍‌ଥପ୍ ଖସୁଛି ପାଣି
ଗୋଟାପଣେ ଭିଜିଲାଣି
ସାରାଟା କ୍ଷେତ
ତାଲୁରୁ ତଳିପା ଶିହରିତ

ବହୁ ପ୍ରତୀକ୍ଷିତ ଏ ବର୍ଷା
ଆପଣେଇ ନେଲାଣି ଖାଲଖମାକୁ
ଏବେ ବର୍ଷାରେ ଭିଜୁଛି କବି
କବିତା ବି ଭିଜୁଛି
ସତେ ଯେମିତି
ସବୁଜିମାର ରୂପକାର
ସର୍ଜନାର ଆଦ୍ୟରାଗ
ତୋଳୁଛି ॥

*– ବଦ୍ରିରାଜନଗର,
୧ମ ଗଳି, ବ୍ରହ୍ମପୁର–୩*



# କରନ୍‌ଙ୍କ ପାଇଁ




ଜାହ୍ନବୀ

ନବାଗତା ଜାହ୍ନବୀ କପୁର ଏବେ ଯୁଆଡେ ଗଲେ ପ୍ରଯୋଜକ କରନ୍ ଜୋହରଙ୍କୁ ପ୍ରଶଂସା କରିବାକୁ ଭୁଲୁ ନାହାନ୍ତି। କୌଣସି ବିଷୟରେ କଥା ହେଉଥିଲେ ତା' ଭିତରେ କରନ୍‌ଙ୍କ ଉଦାହରଣ ଦେଉଛନ୍ତି। ଏ ବିଷୟରେ ଜାହ୍ନବୀ କହନ୍ତି, 'ଆଜି ମୁଁ ଯଦି ବଲିଉଡ୍‌ରେ ପାଦ ଦେଇଛି ତାହା କେବଳ ସମ୍ଭବ ହୋଇଛି କରନ୍‌ଙ୍କ ପାଇଁ। ସେ ମୋତେ ବ୍ରେକ୍ ଦେଇଛନ୍ତି। ମୋ ପାଇଁ ଏକ ଲମ୍ବା ପ୍ଲାଟଫର୍ମ ମଧ୍ୟ ତିଆରି କରିଛନ୍ତି। ଯଦି ତାଙ୍କ ପ୍ରଯୋଜିତ ସିରିଜ୍ ଫିଲ୍ମରେ ମୋତେ ଆକ୍ଟିଂ କରିବାର ସୁଯୋଗ ମିଳେ ତେବେ ମୁଁ କଦାପି ମନା କରିବି ନାହିଁ।' ପ୍ରଯୋଜକ ବୋନି କପୁର ଏବଂ ପରଲୋକଗତା ଅଭିନେତ୍ରୀ ଶ୍ରୀଦେବୀଙ୍କ କନ୍ୟା ଜାହ୍ନବୀଙ୍କୁ ବ୍ରେକ୍ ମିଳିଥିଲା ନିକଟରେ ରିଲିଜ ହୋଇ ହିଟ୍ ସାବ୍ୟସ୍ତ ହୋଇଥିବା 'ଧଡକ୍'ରେ। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଭିନୟ କରିଥିଲେ ଇଷାନ ଖଟ୍ଟର ଏବଂ ନିର୍ଦ୍ଦେଶନା ଦେଇଥିଲେ ଶଶାଙ୍କ ଖୈତାନ।

# ଯଦି ଧର୍ମେନ୍ଦ୍ର ରାଜି ହୋଇଥାଆନ୍ତେ...

ଅନେକ ଫିଲ୍ମର କାଷ୍ଟିଂ ସମୟରେ ମଜାଦାର ଘଟଣା ଘଟିଥାଏ। ଜଣକୁ ନାୟକ ଭାବରେ ଫାଇନାଲ କରାଯାଇଥିଲେ ମଧ୍ୟ ରାତାରାତି ଚକ ବଦଳି ଯାଇଥାଏ। ଥରେ ମନେ ପକାନ୍ତୁ ନା ୧୯୭୩ରେ ପରଦା ଉପରକୁ ଆସିଥିବା ହିନ୍ଦୀ ସିନେମା 'ଜଞ୍ଜିର' କଥା। ଏହି ଫିଲ୍ମଟି ଅମିତାଭ ବଚ୍ଚନଙ୍କୁ ରାତାରାତି ଷ୍ଟାର କରିଦେଇଥିଲା। ହେଲେ ଅମିତାଭ ଉକ୍ତ ଫିଲ୍ମ ସାଇନ୍ କରିବା ପୂର୍ବରୁ ଏହି ଭୂମିକା ପାଇଁ ନିର୍ଦ୍ଦେଶକ ପ୍ରକାଶ ମେହେରା ଧର୍ମେନ୍ଦ୍ରଙ୍କୁ ଅଫର ଦେଇଥିଲେ। କାହାଣୀ ଏବଂ ଭୂମିକା ବିଷୟରେ ଜାଣିବା ପରେ ସେ ରାଜି ହୋଇଥିଲେ। ଏଥିରେ ଧର୍ମେନ୍ଦ୍ରଙ୍କ ନାୟିକା ସାଜିଥାଆନ୍ତେ ସେ ସମୟର ଗ୍ଲାମର କୁଇନ୍ ମୁମତାଜ। ହେଲେ ଠିକ୍ ସମୟରେ ଧର୍ମେନ୍ଦ୍ରଙ୍କ ଜଣେ ସମ୍ପର୍କୀୟଙ୍କ ସହ ପ୍ରକାଶଙ୍କର ଝଗଡା ହୋଇଗଲା। ଫଳସ୍ୱରୂପ ଏହି ଫିଲ୍ମରେ କାମ କରିବାକୁ ଧର୍ମେନ୍ଦ୍ର ମନା କରିଦେଲେ। ତା'ପରେ 'ଜଞ୍ଜିର'ର ମେଲ୍ ଲିଡ୍ ପାଇଁ ନିର୍ଦ୍ଦେଶକ ସେ ସମୟର ଲୋକପ୍ରିୟ ତାରକା ଦିଲୀପ କୁମାର, ରାଜକୁମାର, ଦେବାନନ୍ଦ ଏପରି କି ରାଜେଶ ଖାନ୍ନାଙ୍କୁ ଯୋଗାଯୋଗ କରିଥିଲେ। ହେଲେ ସେମାନେ ରାଜି ହୋଇ ନ ଥିଲେ। ସେତିକି ବେଳକୁ ପ୍ରକାଶ ଏହି ତାଲିକାରେ ଅମିତାଭଙ୍କୁ ସାଇନ୍ କରାଇବାକୁ ଚିନ୍ତା କଲେ। ସେପଟେ ଅମିତାଭ ବଲିଉଡ୍‌ରେ ନିଜ କ୍ୟାରିୟରକୁ ନେଇ ଚିନ୍ତିତ ଥାଆନ୍ତି, କାରଣ ସେତେବେଳେ ତାଙ୍କ ଅଭିନୀତ ୧୨ ଫିଲ୍ମ ଲଗାତର ଫ୍ଲପ ହୋଇଥାଏ। ବାସ୍, 'ଜଞ୍ଜିର' ଅଫରକୁ ଗ୍ରହଣ କରିନେଇଥିଲେ ଅମିତାଭ। ତା'ପରେ ଯାହା ହେଲା କହିବା ବାହୁଲ୍ୟ। ଫିଲ୍ମଟି ସୁପରହିଟ୍ ହେଲା, ଆଉ ହିନ୍ଦୀ ସିନେମାରେ ଅମିତାଭଙ୍କ ଭାଗ୍ୟ ଖୋଲିଯାଇଥିଲା।



ଧର୍ମେନ୍ଦ୍ର



ପରିଣିତି

# ଥ୍ୟାଙ୍କ୍ୟୁ ସିଦ୍ଧାର୍ଥ

ଯାହା ହେଉ ପରିଣିତିଙ୍କ ଟେନସନ ଗଲା। ଗୋଟିଏ ଫିଲ୍ମର ଟାଇଟଲ କ'ଣ ଦିଆଯିବ ତାହାକୁ ନେଇ ପ୍ରଯୋଜିକା ଏକତା କପୁର ଏବଂ ନିର୍ଦ୍ଦେଶକ ଟେନସନରେ ଥିଲେ। ସେପଟେ ଏହାକୁ ନେଇ ଚିନ୍ତାରେ ପଡିଥିଲେ ପରିଣିତି। ହେଲେ ଠିକ୍ ବେଳକୁ ଘଟଣାର ନିମିଷକ ମଧ୍ୟରେ ସମାଧାନ କରିଦେଇଥିଲେ ଏହି ଫିଲ୍ମର ନାୟକ ସିଦ୍ଧାର୍ଥ ମାଲହୋତ୍ରା। ପ୍ରଥମେ ଏହାର ଟାଇଟଲ ରହିଥିଲା 'ଶଟଗନ୍ ସାଦି'। ପରେ ଆଉ ୨-୩ଥର ଟାଇଟଲ ପରିବର୍ତ୍ତନ ହୋଇଥିଲା। ହେଲେ ଏକ ଦେଶୀ ବାସ୍ନା ଥିବା ଟାଇଟଲ ରଖିବାକୁ ଚାହୁଁଥିଲେ ଏକତା। ଏହାଦେଖି ସିଦ୍ଧାର୍ଥ କହିଥିଲେ ଯେ, 'ଏହାର ଟାଇଟଲ 'ଜବରିୟା ଯୋଡି' ରଖିଲେ କେମିତି ହୁଅନ୍ତା।' ବାସ୍, ଶେଷରେ ତାଙ୍କର କଥାରେ ଫାଇନାଲ ମୋହର ମାରିଥିଲେ ଏକତା। ସିଦ୍ଧାର୍ଥ-ପରିଣିତି ଚୋପ୍ରା ଯୋଡିକୁ ନେଇ ନିର୍ମିତ ହୋଇଥିଲା 'ହସି ତୋ ଫସି'। 'ଜବରିୟା ଯୋଡି' ହେଉଛି ଦୁହିଁଙ୍କ ଅଭିନୀତ ଦ୍ୱିତୀୟ ସିନେମା। କାହାଣୀ ଅନୁସାରେ ସିଦ୍ଧାର୍ଥ ଏବଂ ପରିଣିତିଙ୍କୁ ଜବରଦସ୍ତ ବିବାହ କରିବାକୁ ପଡୁଛି। ପରବର୍ତ୍ତୀ ସମୟରେ କ'ଣ ଘଟୁଛି ତାହା ଦର୍ଶକ ପରଦା ଉପରେ ଦେଖିବାକୁ ପାଇବେ।

# ଶ୍ରଦ୍ଧାଙ୍କୁ କ'ଣ ଭଲ ଲାଗେ

ଶ୍ରଦ୍ଧା କପୁରଙ୍କୁ କ'ଣ ଭଲ ଲାଗେ ? ତାଙ୍କର ଚଏସ ନିଆରା ହୋଇଥିବ। ହେଲେ ଗୋଟିଏ ଜିନିଷ ପ୍ରତି ତାଙ୍କର ଅଧିକ ଆଗ୍ରହ ରହିଛି। ତାହା କ'ଣ ଜାଣନ୍ତି ? ଶ୍ରଦ୍ଧା ଲଙ୍ଗ ଡ୍ରାଇଭରେ ଯିବାକୁ ଭଲ ପାଇଥାଆନ୍ତି। ନିଛାଟିଆ ରାସ୍ତାରେ ନିଜେ କାର୍ ଡ୍ରାଇଭ କରି ଯାଉଥିବେ ଆଉ କାର୍ ଭିତରେ ବାଜୁଥିବ ସ୍ଲୋ ମ୍ୟୁଜିକ୍। ଏହାବ୍ୟତୀତ ବାଇକ୍ ପଛରେ ବସି ଲଙ୍ଗ ଜର୍ନି କରିବାକୁ ଚାହାନ୍ତି ସେ। ହେଲେ ଏସବୁ କଥା କିପରି ଜଣାପଡିଲା ? ନିକଟରେ ଶ୍ରଦ୍ଧା-ଶାହୀଦ କପୁର ଅଭିନୀତ 'ବତୀ ଗୁଲ୍ ମିଟର ଚାଲୁ'ର ପ୍ରଥମ ଟ୍ରେଲର ରିଲିଜ ହୋଇଛି। ଏହି ଅବସରରେ ନିଜର ମନ କଥା ବିଷୟରେ କହୁ କହୁ ସେ ଏସବୁ କଥା କହିଥିଲେ। କାରଣ ପୋଷ୍ଟରରେ ଶାହୀଦ ବାଇକ୍ ଚଳାଉଛନ୍ତି ଆଉ ଶ୍ରଦ୍ଧା ପଛରେ ବସିଥିବାର ଏକ ଫଟୋ ପୋଷ୍ଟରରେ ରହିଛି। ଏହାକୁ ଦେଖି ଶ୍ରଦ୍ଧା ନିଜ ବିଷୟରେ ଏଭଳି କଥା ବଖାଣିଥିଲେ। 'ଟୟଲଟ୍ ଏକ ପ୍ରେମ କଥା'ର ନିର୍ଦ୍ଦେଶକ ଶ୍ରୀ ନାରାୟଣ ସିଂ ଏହାର ନିର୍ଦ୍ଦେଶନା ଦେଉଥିବା ବେଳେ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି ୟାମି ଗୌତମ, ସୁଧୀର ପାଣ୍ଡେ ଏବଂ ଫରିଦା ଜଲାଲ୍। ଫିଲ୍ମଟି ଚଳିତ ବର୍ଷ ସେପ୍ଟେମ୍ବର ୨୧ରେ ରିଲିଜ ହେବାର ଯୋଜନା ରହିଛି।



ଶ୍ରଦ୍ଧା-ଶାହୀଦ

# ସୁନା ପିଲା ବରୁଣ

ଗୋଟିଏ କଥାର ମହତ୍ତ୍ୱ କେତେ ତାହା ବରୁଣ ଧାୱନ ଭଲ ଭାବରେ ହୃଦୟଙ୍ଗମ କରିପାରିଛନ୍ତି। ତା' ସହ ନିଜ ପ୍ରେମିକାଙ୍କ ମନର ଆଶାକୁ ପୂରଣ କରିଛନ୍ତି। ଆଉ ସେଥିପାଇଁ ତାଙ୍କୁ 'ସୁନା ପିଲା' ବୋଲି କହିଛନ୍ତି ତାଙ୍କର ମନର ମାନସୀ ନତାଶା ଦଲାଲ। ଥରେ ଦୁହେଁ ଏକ କଫି ପବ୍‌ରେ ବସିଥିଲେ। ବିଭିନ୍ନ କଥା ଆଲୋଚନା ହେଉ ହେଉ ନତାଶା ପ୍ରସ୍ତାବ ଦେଲେ ଫରେନ୍ ବୁଲିଯିବାକୁ। ଏକଥା ଶୁଣିବା ପରେ ବରୁଣ ଆଦୌ ଡେରି ନ କରି ସେଠାରେ ହିଁ ଫ୍ଲାଇଟ୍ ଟିକେଟ୍ ବୁକ୍ କରିଥିଲେ। ଆଉ ତା'ପରେ ଆରମ୍ଭ ହୋଇଥିଲା ଲଣ୍ଡନ ଟ୍ରିପ୍। ନିକଟରେ ଦୁହେଁ ସେଠାରୁ ଫେରିବା ପରେ ଏଭଳି କଥା କହିଛନ୍ତି ନତାଶା।



# ବାଟରେ ବାଟରେ...

ଦେଖୁଦେଖୁ ମନରେ ମନ ମିଶିଗଲା। ଆଉ ତା'ପରେ ଆରମ୍ଭ ହେଲା ଲଭ୍ ଷ୍ଟୋରି। ଦୁହିଁଙ୍କର ପ୍ରଥମ ଦେଖା ହୁଏ ଏକ ରେଷ୍ଟୁରାଣ୍ଟରେ। ସୁନ୍ଦରୀ ଝିଅଟିଏ ଦେଖିବା ପରେ ସ୍ୱତଃ ପୁଅଟିର ମନ ତା' ଆଡକୁ ଢଳିପଡେ। ଝିଅଟି କହେ, 'ଯଦି କିଛି ମାଇଣ୍ଡ ନ କରିବେ ତେବେ ମୋତେ ଟିକେ ମୋ ଘରେ ଡ୍ରପ୍ କରିଦେବେ।' ଉତ୍ତର ଆସେ, 'ଆରେ ଏଥିରେ ମାଇଣ୍ଡ କରିବାର କ'ଣ ଅଛି।' ବାସ୍, ତା'ପରେ ଦୁହେଁ ବାହାରି ପଡନ୍ତି। ଆଉ ବାଟରେ ? ରେଷ୍ଟୁରାଣ୍ଟରୁ ଝିଅଟିର ଘର ପର୍ଯ୍ୟନ୍ତ ଲମ୍ବି ଯାଇଥିବା ରାସ୍ତା ଭିତରେ ଘଟେ ଅନେକ ଘଟଣା। ସେଇଠି ପ୍ରେମ ହୁଏ, ପ୍ରେମିକା ଅଭିମାନ କରେ, ପ୍ରେମିକ ତାକୁ ବୁଝାଏ। ହେଲେ ସେଠାରେ ଏମିତି କିଛି ଘଟଣା ଘଟେ ଯାହା କାହାଣୀରେ ଆଣେ ଟୁଇଷ୍ଟ। ତାହା କ'ଣ ନିଶ୍ଚୟ ଜାଣିବାକୁ ଚାହୁଁଥିବେ ? ତେବେ ଅପେକ୍ଷା କରନ୍ତୁ ନା । ଏବର୍ଷ ଗଣେଶ ପୂଜାରେ ରିଲିଜ ହେବାକୁ ଯୋଜନା ଥିବା ଓଡ଼ିଆ ସିନେମା 'ଲଭ୍ ଏକ୍ସପ୍ରେସ'ରେ ରହିଛି ଏଭଳି ସିକ୍ୱେନ୍ସ। ସିଦ୍ଧାର୍ଥ ଟିଭି ନିବେଦିତ ତଥା ସାର୍ଥକ ମ୍ୟୁଜିକ ବ୍ୟାନରରେ ଏହି ଫିଲ୍ମର ଶୁଟିଂ ଏବେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଲୁ ରହିଛି। ସୀତାରାମ ଅଗ୍ରୱାଲଙ୍କ ପ୍ରଯୋଜନା, ସଚ୍ଚିକାନ୍ତ ଜେନା-ବିନ୍ନି ପଟ୍ଟନାୟକଙ୍କ ମିଳିତ କାର୍ଯ୍ୟକାରୀ ପ୍ରଯୋଜନାରେ ଚଳଚ୍ଚିତ୍ରର ଲିଡ୍ ରୋଲ୍‌ରେ ଦେଖିବାକୁ ମିଳିବେ 'ଲୈଲା ଓ ଲୈଲା' ଟିନ୍ ଏଜ ଯୋଡି ସ୍ୱରାଜ-ସନମୀରାଙ୍କୁ। ଡ. ନିର୍ମଳ ନାୟକ ସଂଳାପ ରଚନା କରିଛନ୍ତି ଏବଂ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦନାଥ ଦାଶ। ରମେଶ ରାଉତଙ୍କ ନିର୍ଦ୍ଦେଶନାରେ ଏହି ଫିଲ୍ମରେ ପିଣ୍ଟୁ ନନ୍ଦ, ବବି ମିଶ୍ର, ସଲିଲ ମିତ୍ର, ସଞ୍ଜୀବ, ସମୀତା, କୁନ୍‌ମୁନ ଏବଂ କମେଡିଆନ ଅମରଙ୍କୁ ଦେଖିବାକୁ ମିଳିବ।





'ଲଭ୍ ଏକ୍ସପ୍ରେସ'ରେ ସ୍ୱରାଜ-ସନମୀରା

## ପ୍ରଥମ ରୋଜଗାର



ଅବସରପ୍ରାପ୍ତ ପ୍ରିନ୍ସିପାଲ୍ ଚିଫ୍ କନ୍‌ଜର୍‌ଭେଟର୍ ଅଫ୍ ଫରେଷ୍ଟ (ୱାଇଲ୍ଡ ଲାଇଫ୍) ତଥା ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ **ଡ. ବିଜୟକେତନ ପଟ୍ଟନାୟକ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ଘର ପାଇଁ ଟ୍ରାଞ୍ଜିଷ୍ଟର କିଣିଥିଲି

**ଖୋ**ର୍ଦ୍ଧାର ମୁକୁନ୍ଦପ୍ରସାଦ ଗାଁରେ ମୋ ଜନ୍ମ। ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍କୁଲ୍‌ରୁ ୧୯୬୫ରେ ଏକାଦଶ ପାସ୍ କରି ପ୍ରାଣନାଥ କଲେଜରେ ପ୍ରି-ୟୁନିଭର୍ସିଟି ଓ ପ୍ରି-ପ୍ରଫେଶନାଲ୍ ପଢିଥିଲି। ତା'ପରେ ବିଜେବି କଲେଜରେ ଫିଜିକ୍ସ ଅନର୍ସରେ ବି.ଏସ୍‌ସି. ସାରି ବାଣୀବିହାରରେ ଏମ୍.ଏସ୍‌ସି. କଲି। ଏମ୍.ଏସ୍‌ସି. ରେଜଲ୍ଟ ବାହାରି ନଥାଏ,ବାଣୀବିହାର ଫିଜିକ୍ସ ଡିପାର୍ଟମେଣ୍ଟରେ ନୂଆ କରି ଖୋଲା ହୋଇଥିବା କମ୍ପ୍ୟୁଟର୍ ସେଣ୍ଟରରେ ମୋତେ ପ୍ରୋଗ୍ରାମ୍ ଆସିଷ୍ଟାଣ୍ଟ ଭାବେ ନିଯୁକ୍ତି ମିଳିଗଲା। ଦରମା ୨୪୫ ଟଙ୍କା। ସେତେବେଳେ ଆମ ଗାଁକୁ ଇଲେକ୍ଟ୍ରି ଯାଇ ନ ଥାଏ। ତେଣୁ ପ୍ରଥମ ମାସ ଦରମାରେ ଘର ପାଇଁ ଗୋଟେ ଟ୍ରାଞ୍ଜିଷ୍ଟର ଓ ସାନ ଭଉଣୀ ପାଇଁ ହାତ ସିଲେଇ ମେଶିନ୍ କିଣିକି ନେଇଥିଲି। ବଳକା ଟଙ୍କା ଘରେ ଦେଇଥିଲି। କିଛି ମାସ ପରେ ଏମ୍.ଏସ୍‌ସି.ର ରେଜଲ୍ଟ ବାହାରିଲା ଆଉ ଅଧ୍ୟାପକ ଭାବେ ମୋ ପୋଷ୍ଟିଂ ବାରିପଦା କଲେଜକୁ ହେଲା। କିନ୍ତୁ ଦରମା ପାଖାପାଖି ସମାନ ଥିବାରୁ ଜଏନ୍ କରିବାକୁ ଗଲିନାହିଁ। ବରଂ ସେହି କମ୍ପ୍ୟୁଟର୍ ସେଣ୍ଟରରେ କାମ କରିବା ସଙ୍ଗେସଙ୍ଗେ ବର୍ଷିକିଆ ହାୟର୍ ମ୍ୟାଥ୍‌ମେଟିକ୍ସ କୋର୍ସ କଲି। ତା'ସହିତ ପିଏଚ୍‌ଡି ପାଇଁ ପ୍ରସ୍ତୁତ ହେଉଥିଲି। ଏହି ସମୟରେ ହଠାତ୍ ବାପାଙ୍କର ଅକାଳ ବିୟୋଗ ହେଲା। ଯେହେତୁ ପାଞ୍ଚ ଭାଇଭଉଣୀଙ୍କ ମଧ୍ୟରେ ବଡ଼ ଥିଲି, ପରିବାରର ଦାୟିତ୍ୱ ମୋ ଉପରେ ପଡିଲା। ବାଧ୍ୟ ହୋଇ ଘର ପାଖ କଲେଜରେ ଅଧ୍ୟାପକ ଭାବେ ଯୋଗ ଦେଲି। ଅବଶ୍ୟ ସେତେବେଳକୁ ଭାରତୀୟ ବନ ବିଭାଗରେ ଚାକିରି ପାଇଁ ଲିଖିତ ପରୀକ୍ଷା ଦେଇ ସାରିଥିଲି। ସେଥିରେ ଉତ୍ତୀର୍ଣ୍ଣ ହେବାରୁ ମୌଖିକ ଏବଂ ଚାଲିବା ପରୀକ୍ଷା ପାଇଁ ଚିଠି ପାଇଲି। ସେଥିରେ ବି ଉତ୍ତୀର୍ଣ୍ଣ ହୋଇ ଡେରାଡୁନ୍‌ସ୍ଥିତ ଇନ୍ଦିରା ଗାନ୍ଧୀ ନ୍ୟାଶନାଲ୍ ଫରେଷ୍ଟ ଏକାଡେମୀକୁ ଟ୍ରେନିଂ ପାଇଁ ଗଲି। ଦୁଇ ବର୍ଷ ଟ୍ରେନିଂ ନେଲି। ଏହି ସମୟରେ ୭୫୦ ଟଙ୍କା ଦରମା ମିଳୁଥିଲା। ତା'ପରେ ପୁଣି ମସୌରୀରେ ୪ମାସ, ଭୁବନେଶ୍ୱରସ୍ଥିତ ଗୋପବନ୍ଧୁ ଏକାଡେମୀରେ ୧୫ ଦିନ ଟ୍ରେନିଂ ନେଇ ଫୁଲବାଣୀ ରେଞ୍ଜରେ ଆସିଷ୍ଟାଣ୍ଟ କନ୍‌ଜରଭେଟର୍ ଅଫିସର୍ ଭାବେ ଯୋଗ ଦେଲି। ୬ ମାସ ପରେ ସେଠାରୁ ବଦଳି ହୋଇ ସମ୍ବଲପୁରକୁ ଆସିଷ୍ଟାଣ୍ଟ ସେଟେଲ୍‌ମେଣ୍ଟ ଅଫିସର୍ ଭାବେ ଗଲି। ତା'ପରେ ପୁଣି ଅନୁଗୋଳରେ ୬ ମାସ ଟ୍ରେନିଂ ନେଇ ବାରିପଦାରେ ଆସିଷ୍ଟାଣ୍ଟ ୱାର୍କିଂ ପ୍ଲାନ ଅଫିସର୍ ଭାବେ ଯୋଗ ଦେଲି। ଅଢେଇ ମାସ ପରେ ପ୍ରମୋଶନ ପାଇ ଡିଭିଜନାଲ୍ ଫରେଷ୍ଟ ଅଫିସର୍ ଭାବେ ନବରଙ୍ଗପୁର ଗଲି। ଚାରି ବର୍ଷ ପରେ ରାୟଗଡ଼ାକୁ ବଦଳି ହେଲା। ଦେଢବର୍ଷ ପରେ ପୁଣି ବଦଳି ହୋଇ ଭୁବନେଶ୍ୱର ଆସିଲି। ଆଉ ଏଠି ଡେପୁଟି ଡାଇରେକ୍ଟର (ମନିଟାରିଙ୍ଗ୍ ଆଣ୍ଡ ଇଭାଲ୍ୟୁଏଶନ୍) ଭାବେ ୫ ବର୍ଷ କାମ କରି ଓଡିଶା ଫରେଷ୍ଟ ଡିପାର୍ଟମେଣ୍ଟ କର୍ପୋରେଶନ ଲିମିଟେଡ୍‌ର ଜେନେରାଲ୍ ମ୍ୟାନେଜର୍ ଭାବେ କୋରାପୁଟରେ ଯୋଗ ଦେଲି। ପୁଣି ୩ ବର୍ଷ ପରେ ଭୁବନେଶ୍ୱର ସୋସିଆଲ୍ ଫରେଷ୍ଟ୍ରି ରିଜିୟନ୍‌ର ରିଜିଓନାଲ୍ ଜଏନ୍ ଡାଇରେକ୍ଟର ଭାବେ ଭୁବନେଶ୍ୱର ବଦଳି ହୋଇ ଆସିଲି। ୩ ବର୍ଷ ପରେ ଚିଫ୍ କନ୍‌ଜର୍‌ଭେଟର୍ ଅଫ୍ ଫରେଷ୍ଟ ଭାବେ ପ୍ରମୋଶନ ପାଇଲି। ତା'ପରେ ପ୍ରିନ୍ସିପାଲ୍ ଚିଫ୍ କନ୍‌ଜର୍‌ଭେଟର୍ ଅଫ୍ ଫରେଷ୍ଟ (ୱାଇଲ୍ଡ ଲାଇଫ୍) ଭାବେ ପ୍ରମୋଶନ ପାଇ ୨୦୦୯ରେ ଚାକିରିରୁ ଅବସର ନେଇଥିଲି। ତେବେ ଅବସର ନେବା ପୂର୍ବରୁ ମୁଁ ପାଖାପାଖି ସାଢେ ପାଞ୍ଚବର୍ଷ ବନ ଓ ପରିବେଶ ବିଭାଗରେ ସ୍ପେଶାଲ୍ ସେକ୍ରେଟାରୀ ଓ ଡାଇରେକ୍ଟର ଅଫ୍ ଏନ୍‌ଭାଇରନ୍‌ମେଣ୍ଟ ଭାବେ ବି କାମ କରିଛି। ଚାକିରି ଜୀବନବାଦ୍ ଲେଖାଲେଖିରେ ରୁଚି ରହିଛି। 'ଛାମୁଙ୍କ ଆଖି ଲୁହ', 'ନଈ ପରି ଝିଅ' ଏବଂ 'ଉଦ୍‌ବାସ୍ତୁ' ନାମରେ ତିନୋଟି କବିତା ସଂକଳନ ମୋର ପ୍ରକାଶିତ ହୋଇସାରିଲାଣି। ସେହିପରି ପ୍ରକୃତି ପର୍ଯ୍ୟଟନ, ଗଛଲତା, ବନ୍ୟଜନ୍ତୁ, ପରିବେଶ ତଥା ଔଷଧୀୟ ବୃକ୍ଷ ସମ୍ପର୍କିତ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପୁସ୍ତକ ବି ବାହାରିସାରିଲାଣି। ଅନ୍ୟପକ୍ଷେ ବନ ବିଭାଗରେ ଚାକିରି ଆରମ୍ଭ କରିବା ଦିନରୁ ରାୟଗଡ଼ାରେ କାମ କରିବା ପର୍ଯ୍ୟନ୍ତ ଅନୁଭୂତିକୁ ନେଇ ପ୍ରସ୍ତୁତ ହୋଇଥିବା 'ଅରଣ୍ୟ ଯାତ୍ରୀ' ନାମକ ଏକ ପୁସ୍ତକକୁ ୟା' ଭିତରେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ମଧ୍ୟ ମିଳିସାରିଲାଣି। ଏସବୁ ବ୍ୟତୀତ ଓଡିଶା ବିଜ୍ଞାନ ଏକାଡେମୀ ତରଫରୁ ପ୍ରତିମାସ ପ୍ରକାଶିତ ହେଉଥିବା 'ବିଜ୍ଞାନ ଦିଗନ୍ତ' ମାଗାଜିନ୍‌ର ମୁଁ ମୁଖ୍ୟ ସମ୍ପାଦକ ଅଛି। ସେହିପରି ୱାର୍ଲ୍ଡ ୱାଇଲ୍ଡ ଫଣ୍ଡ ଏବଂ ଷ୍ଟେଟ୍ ଏକ୍ସପର୍ଟ ଆପ୍ରାଇଜାଲ୍ କମିଟିର ମଧ୍ୟ ଚେୟାର୍‌ମ୍ୟାନ୍ ଅଛି।

–ଅନ୍ୱିତା

# ଅଳପ ଛାଇକୁ ଅଳପ ଖରା, ଫୁଲେଇ ରାଧିକା ନ ଦିଏ ଧରା

**ସାଥୀ**

**ପ୍ରଶ୍ନ**–ମୋ ପ୍ରେମିକାକୁ ଯେତେ ବୁଝାଇଲେ ଆଦୌ ବୁଝୁନି। ଯେତେବେଳେ ଦେଖା ଦେଉଛି କଣେଇ କଣେଇ ହସି ଚାଲି ଯାଉଛି। କ'ଣ କରିବି ?

*–ତନ୍ମୟ ସାହୁ, ରାଉରକେଲା*

**ଉତ୍ତର:** ଆପଣଙ୍କ ପ୍ରେମିକା ଟିକେ ଫୁଲେଇ। ସେ ସବୁ କଥା ବୁଝି ନ ବୁଝିଲା ପରି ଅଭିନୟ କରୁଛନ୍ତି। ପ୍ରେମରେ ଅନେକ ସମୟରେ ଏମିତି ହୁଏ। ତାକୁ ନେଇ ଟେନସନ ନେଲେ କିଛି ଲାଭ ନାହିଁ। 'ଅଳପ ଛାଇକୁ ଅଳପ ଖରା, ଫୁଲେଇ ରାଧିକା ନ ଦିଏ ଧରା।' ବାସ୍, ପ୍ରେମିକା ସହ ଏହି ଲୁଚକାଳି ଖେଳର ମଜା ନିଅନ୍ତୁ। କାରଣ ଆପଣଙ୍କ ପ୍ରେମିକା ଯେଉଁ ଅଭିମାନ କରିଛନ୍ତି ତାହା କ୍ଷଣିକ ନ ହେଲେ ଏମିତି ହସି ଦେଇ ଚାଲିଯାଆନ୍ତେ ନାହିଁ।

**ପ୍ରଶ୍ନ**–କହିବେ କି ସାଥୀ, ଆଜିର ସମାଜରେ ଅନେକ ଶିକ୍ଷିତା ଯୁବତୀ ଅର୍ଦ୍ଧନଗ୍ନ ପୋଷାକ ପରିଧାନ କରିଥାଆନ୍ତି କାହିଁକି ?

*–ବିଜୁ ସାହୁ, ଭୂମିକା ଭେରାଇଟି ଷ୍ଟୋର, ନାଗବାଲି ବଜାର, କଟକ*

**ଉତ୍ତର:** ଏଭଳି କଥାରେ ମୁଣ୍ଡ ଖେଳାଇଲେ କିଛି ଲାଭ ହେବନି। କାରଣ ଯୁଗ ବଦଳୁଛି। ତାହା ସହ ପାଦ ମିଳାଇ ଚାଲିବାକୁ କେହି ମନା କରୁନାହାନ୍ତି। ହେଲେ ସବୁ ଜିନିଷ ଅତି ହେଲେ ତାହାର ପରିଣାମ ଖରାପ ହୋଇଥାଏ। ଅନ୍ୟମାନେ ଯେତେ ଚାହିଁଲେ ବି ସେମାନଙ୍କର ଏଭଳି ମାନସିକତାକୁ ବଦଳାଇବା କ'ଣ ସମ୍ଭବ ? ତେଣୁ ଆଜିର ସମାଜରେ କେଉଁ ଜିନିଷର କେତେ ମହତ୍ତ୍ୱ ରହିଛି ତାହା ନିଜେ ଉପଲବ୍ଧି କରିବା ଦରକାର। କାହା କଥାରେ ଯେ ସବୁ ବଦଳିଯିବ–ଏହା ଭାବିବା ଭୁଲ।

**ପ୍ରଶ୍ନ**–କେତେକ ପ୍ରେମିକ-ପ୍ରେମିକା ଭଲ ପାଇବାକୁ ଟଙ୍କାରେ ତଉଲି ଥାଆନ୍ତି। ଏହା ଠିକ୍ କି ?

*–ସତ୍ୟସିଂହ ଶତପଥୀ, ହାଉସିଂ ବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର*

**ଉତ୍ତର:** ଭଲ ପାଇବା ସବୁବେଳେ ଶାଶ୍ୱତ। ଏହାକୁ ଅନ୍ୟ କାହା ସହ ତଉଲିବା ଠିକ୍ ନୁହେଁ। ଆଜିକାଲି କେତେକ ପ୍ରେମିକ ପ୍ରେମିକା ଭଲ ପାଇବାକୁ ଟଙ୍କାର ନିକିତିରେ ତଉଲୁଛନ୍ତି। ସେମାନଙ୍କର ଲକ୍ଷ୍ୟ ଟଙ୍କା। ଭଲ ପାଇବାକୁ ମାଧ୍ୟମ କରି ସେମାନେ ନିଜର ଲକ୍ଷ୍ୟ ହାସଲ କରିବାକୁ ଚାହାନ୍ତି। ହେଲେ ଏଭଳି ପ୍ରେମ କ୍ଷଣସ୍ଥାୟୀ। କାରଣ ସେହି ଟଙ୍କା ହିଁ ସେମାନଙ୍କ ପ୍ରେମରେ ବାଧକ ସାଜିଥାଏ। ତେଣୁ ପ୍ରେମ ସବୁବେଳେ ନିର୍ମଳ ହେବା ଦରକାର, ତେବେ ସେଥିରେ ସକ୍‌ସେସ ହେବାର ଚାନ୍ସ ରହିଛି।

**ପ୍ରଶ୍ନ**–ମୋର ବାହାଘର ଦୁଇବର୍ଷ ହୋଇଛି। ଏବେ ଜାଣିବାକୁ ପାଉଛି ଯେ ମୋ ସ୍ତ୍ରୀ ପୂର୍ବରୁ ଜଣେ ପୁଅକୁ ଭଲ ପାଉଥିଲା। ବର୍ତ୍ତମାନ ମୁଁ କ'ଣ କରିବି ଜାଣିପାରୁନାହିଁ।

*–ବି.କେ., କେନ୍ଦ୍ରାପଡା*

**ଉତ୍ତର:** ଯେଉଁ କଥା ଆପଣ ଶୁଣୁଛନ୍ତି ତାହାର ସତ୍ୟତା ପ୍ରଥମେ ପରଖନ୍ତୁ। ବାକି ରହିଲା ନିଷ୍ପତ୍ତି କଥା। ଯାହା ଘଟିଯାଇଛି ତାହାକୁ ଯଦି ଆପଣ ଧରି ବସିବେ ତେବେ ଆପଣଙ୍କ ବୈବାହିକ ଜୀବନ ନଷ୍ଟ ହୋଇଯିବ। ଯଦି ଘଟଣାଟି ସତ ହୋଇଥାଏ ତେବେ କ'ଣ ନିଷ୍ପତ୍ତି ନେବେ ନିଜେ ଠିକ୍ କରନ୍ତୁ। କାରଣ ଆପଣଙ୍କ ନିଷ୍ପତ୍ତି ଉପରେ ଆପଣଙ୍କର ଏବଂ ନିଜ ପତ୍ନୀଙ୍କ ଭବିଷ୍ୟତ ନିର୍ଭର କରେ। ଏପରି ପରିସ୍ଥିତିରେ ତରତର ହୋଇ ଆଦୌ ନିଷ୍ପତ୍ତି ନିଅନ୍ତୁ ନାହିଁ।



ପ୍ରତ୍ୟେକ ଧର୍ମସ୍ଥଳ ପବିତ୍ର। ସେଠି ସମସ୍ତଙ୍କ ମନରେ ଭରି ରହିଥାଏ ଭକ୍ତି ଓ ସମ୍ମାନ। ତେଣୁ ସେଠାକୁ ଗଲାବେଳେ ବେଶଭୂଷା ବି ସେହିଭଳି ଭଦ୍ର ହେବା ଜରୁରୀ ବୋଲି ମନେ କରାଯାଏ। ସେଇଥିପାଇଁ ତ ଅନେକ ଧର୍ମସ୍ଥଳରେ ରହିଛି ବେଶଭୂଷାକୁ ନେଇ ଅନେକ କଟକଣା।




# ଧର୍ମସ୍ଥାନ ପାଇଁ ପୋଷାକ ନିୟମ

**ଲୁଙ୍ଗି ପିନ୍ଧିବେ, ଶାର୍ଟ ଖୋଲି ପ୍ରବେଶ କରିବେ ମନ୍ଦିରକୁ–** କେରଳର ଥିରୁଭାନନ୍ତପୁରମ୍‌ରେ ଅଛି ପଦ୍ମନାଭସ୍ୱାମୀ ମନ୍ଦିର। ଏହି ମନ୍ଦିରରେ ଉଭୟ ତାମିଲ ଓ କେରଳ ସ୍ଥାପତ୍ୟର ଝଲକ ମିଳେ। ତାମିଲ ମନ୍ଦିର ଭଳି ଏହା ସମ୍ପୂର୍ଣ୍ଣ ରଙ୍ଗିନ ନ ହୋଇ କେରଳ ମନ୍ଦିର ପରି ଗୋଲ୍ଡ ପ୍ଲେଟେଡ୍ ହୋଇଥାଏ। ଏଠାରେ ପୂଜା ପାଆନ୍ତି ଭଗବାନ ବିଷ୍ଣୁ। ତେବେ ଉକ୍ତ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ହେଲେ କିଛିଟା ନିୟମ ପାଳନ କରିବାକୁ ପଡିବ। ଖାସ୍ କରି ପୁରୁଷମାନଙ୍କ ପାଇଁ ଲୁଙ୍ଗି ପିନ୍ଧିବା ଅନିବାର୍ଯ୍ୟ। ଏହାକୁ କିଣି ଅବା ଭଡାରେ ଆଣି ପିନ୍ଧିବେ। ତା ସହ ଶାର୍ଟ ବି ଖୋଲିବାକୁ ପଡିବ। ପ୍ୟାଣ୍ଟ ପିନ୍ଧିଥିଲେ ତା'ଉପରେ ଲୁଙ୍ଗି ପିନ୍ଧି ଯାଇପାରିବେ।











ସେହିଭଳି ମହିଳାମାନଙ୍କୁ ଶାଢି ବା ଲଙ୍ଗ ସ୍କର୍ଟ ପିନ୍ଧିବାକୁ ହେବ। କାରଣ ଏହି ପୋଷାକ ପିନ୍ଧି ନ ଥିଲେ ମନ୍ଦିର ଭିତରକୁ ପ୍ରବେଶ ମନା।

**ବିନା ଶାଢିରେ ପ୍ରବେଶ ନିଷେଧ–** ଉତ୍ତରପ୍ରଦେଶ,ବାରାଣସୀର କାଶୀ ବିଶ୍ୱନାଥ ମନ୍ଦିର ଏକ ବହୁ ପ୍ରସିଦ୍ଧ ଶିବ ମନ୍ଦିର। ଗଙ୍ଗା ନଦୀର ପଶ୍ଚିମତଟରେ ରହିଛି ଏହି ମନ୍ଦିର। ୧୨ଟି ଜ୍ୟୋତିର୍ଲିଙ୍ଗ ମଧ୍ୟରେ ଏହା ଅନ୍ୟତମ। ତେବେ ମହାପ୍ରଭୁ ଶିବଙ୍କ ଦର୍ଶନ ପାଇଁ ଇଚ୍ଛା ରଖିଥିବା ଭକ୍ତଙ୍କୁ ପୋଷାକ ପ୍ରତି ସଜାଗ ରହିବାକୁ ହେବ। କାରଣ ତାଙ୍କ ଦର୍ଶନ ନିମନ୍ତେ ଖାସ୍ କରି ମହିଳାମାନଙ୍କୁ ଶାଢି ପିନ୍ଧିବା ଅନିବାର୍ଯ୍ୟ। ଆଣ୍ଠୁଠାରୁ ଛୋଟ ପିନ୍ଧି ଆସିଥିବା ମହିଳା ଭକ୍ତଙ୍କୁ ଏଠି ଶାଢି ପ୍ରଦାନ କରାଯାଏ। ଏଠାରେ ଥିବା ଚେଞ୍ଜିଂ ରୁମ୍‌ରେ ସେମାନେ ପୋଷାକ ବଦଳାଇ ଶାଢି ପିନ୍ଧିବା ପରେ ହିଁ ମନ୍ଦିର ଭିତରକୁ ଯାଇ ପାରିବେ। ମହିଳା ପୋଲିସ୍ ମାନେ ଶାଢି ପିନ୍ଧିବାବେଳେ ସାହାଯ୍ୟ କରି ଥାଆନ୍ତି। ଉଭୟ ବିଦେଶୀ ଓ ସ୍ଥାନୀୟ ଭକ୍ତଙ୍କ ପାଇଁ ଏହି ନିୟମ ଲାଗୁ।

**ଓଦା ଶାଢିରେ କରିବେ ପୂଜା–** ମହାରାଷ୍ଟ୍ର, ନାସିକ ଜିଲାର ତ୍ରିମ୍ବକ ସହରରେ ଅଛି ତ୍ରୟମ୍ବକେଶ୍ୱର ମନ୍ଦିର। ଏହି ମନ୍ଦିର ମଧ୍ୟ ୧୨ଟି ଜ୍ୟୋତିର୍ଲିଙ୍ଗ ମଧ୍ୟରେ ଅନ୍ୟତମ। ଏଠାରେ ବି ମହିଳାଙ୍କ ପ୍ରବେଶକୁ ନେଇ ରହିଛି କିଛି ଅଜବ ନିୟମ। ପ୍ରତିଦିନ ସକାଳ ୬ରୁ ୭ଟା ମାତ୍ର ଏକ ଘଣ୍ଟା ପାଇଁ ମହିଳାଙ୍କୁ ଏହି ମନ୍ଦିର ଭିତରକୁ ଯିବା ପାଇଁ ଦିଆଯାଏ। ସେଠାରେ ଠାକୁରଙ୍କ ଦର୍ଶନ କରି ତାଙ୍କୁ ପୂଜା କରିବାକୁ ହେଲେ କଟନ୍ କିମ୍ବା ସିଲ୍କର ଓଦା ଶାଢି ପିନ୍ଧିବାକୁ ହେବ।

**ମୁଣ୍ଡକୁ ଘୋଡାଇ ରଖିବାକୁ ହେବ ଏହି ମନ୍ଦିରରେ–** ଯଦି ପଞ୍ଜାବ, ଅମୃତସରରେ ଥିବା ଗୋଲ୍ଡେନ୍ ଟେମ୍ପଲ ବା ସ୍ୱର୍ଣ୍ଣ ମନ୍ଦିର ଯିବାକୁ ଚାହୁଁଛନ୍ତି, ତେବେ ଉକ୍ତ ମନ୍ଦିରର ନିୟମାବଳୀ ସମ୍ପର୍କରେ ଜାଣିବା ବି ଜରୁରୀ। ଏହି ମନ୍ଦିର ଭିତରକୁ ଯିବାକୁ ହେଲେ ଶରୀର କଭର୍ ହେବା ଭଳି ପୋଷାକ ପିନ୍ଧିବେ। ଆଉ ସବୁଠୁ ବଡ଼ କଥା ହେଲା ମୁଣ୍ଡକୁ ସ୍କାର୍ଫ, ଦୁପଟ୍ଟା ଅବା ରୁମାଲରେ ଘୋଡେଇ ରଖିବେ। ଏହା ଉଭୟ ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ଲାଗୁ। ସ୍କାର୍ଫ ମନ୍ଦିର ବାହାରେ ବି ବିକ୍ରି ହୋଇଥାଏ।

**ଛୋଟ ବସ୍ତ୍ର ପିନ୍ଧିଥିବା ଭକ୍ତଙ୍କୁ ଦିଆଯାଏ ଶାଲ୍–** ପଣଜୀର ବସିଲିକା ଅଫ୍ ବମ୍ ଜିସସ୍‌ରେ ଛୋଟ ବସ୍ତ୍ର ପିନ୍ଧିଥିବା ଭକ୍ତଙ୍କୁ ପ୍ରବେଶ ନିଷେଧ। ତା'ମାନେ ନୁହେଁ ଯେ, ସେମାନେ ଭିତରକୁ ଯାଇପାରିବେ ନାହିଁ। ଏଠି ଥିବା ସ୍ୱେଚ୍ଛାସେବୀ ଭକ୍ତଙ୍କୁ ଶାଲ୍ ପ୍ରଦାନ କରନ୍ତି।

**ଉଭୟ ପୁରୁଷ ମହିଳାଙ୍କୁ ଛୋଟବସ୍ତ୍ର ମନା–** ଦିଲ୍ଲୀର ଜାମା ମସ୍‌ଜିଦ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ଏହା ମଧ୍ୟକୁ ବିଦେଶୀଙ୍କଠୁ ଆରମ୍ଭ କରି ହିନ୍ଦୁମାନେ ବି ଯାଇପାରିବେ। ହେଲେ ଛୋଟବସ୍ତ୍ର ପିନ୍ଧି ନୁହେଁ। ଆଉ ମୁଣ୍ଡକୁ ଏକ ରୁମାଲ୍‌ରେ ବାନ୍ଧିବା ଜରୁରୀ।



## ପିଙ୍କି ପ୍ରିୟଦର୍ଶିନୀ



ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡେ ନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ :
ଧରିତ୍ରୀ ଛୁଟିଦିନ,
ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,
ଭୁବନେଶ୍ୱର-୭୫୧୦୧୦,
ଫୋନ୍ ନଂ : (୦୬୭୪) ୨୫୮୦୧୦୧

## ହାଥ... ହାଥ...

### ପାଣି


ରାଜେଶବାବୁ ତାଙ୍କ କାର୍ ଧୋଉଥାଆନ୍ତି। ଏତିକିବେଳେ ପଡ଼ୋଶୀ ଘର ମୋହନବାବୁ- କ'ଣ ଗାଡ଼ି ଧୋଉଛନ୍ତି ?
ରାଜେଶବାବୁ- ନାଇଁ, କାର୍‌କୁ ପାଣି ଦେଉଛି। କାଳେ ଆଗକୁ ଯାଇ ବଡ଼ ହେଇ ବସ୍ ହୋଇଯିବ।

### ହାର୍ଟ ଆଟାକ୍

ଦୁଇଟି ଅସରପା ହସ୍ପିଟାଲରେ ଆଡମିଟ୍ ହୋଇଥାଆନ୍ତି। ପ୍ରଥମ ଅସରପା ଦ୍ୱିତୀୟକୁ- ତମକୁ କିଏ ମାରିଲା କି ?
ଦ୍ୱିତୀୟ ଅସରପା- ଆରେ ନା। ଝିଅଟିଏ ମତେ ଦେଖି ଏମିତି ଚିଲ୍ଲେଇଲା ଯେ, ମୋର ହାର୍ଟ ଆଟାକ୍ ହୋଇଗଲା।

### ଫର୍ମୁଲା

କେମେଷ୍ଟ୍ରି ପଢ଼ାଇବାବେଳେ
ଶିକ୍ଷକ- ପାଣିର ଫର୍ମୁଲା କ'ଣ ?
ପପୁ- $H_2o+Mgcl_2+Caso_4+Alcl_3+Co_2+HNO_3$
ଶିକ୍ଷକ ରାଗିକି- ଗଧ କୋଉଠିକାର। ପୂରା ଭୁଲ୍ କହିଲୁ।
ପପୁ- ନାଇଁ ସାର୍ ଠିକ୍ କହିଛି। ଏଇଟା ନାଳ ପାଣିର ଫର୍ମୁଲା।







ପ୍ରସିଦ୍ଧ ଧାର୍ମିକ କ୍ଷେତ୍ର ଭୀମାଶଙ୍କର ମହାରାଷ୍ଟ୍ରର ପୁଣେଠାରୁ ପ୍ରାୟ ୧୨୭ କି.ମି. ଦୂରରେ ଥିବା ସହ୍ୟାଦ୍ରି ନାମକ ପର୍ବତ ଉପରେ ଅବସ୍ଥିତ। ଏହି ଶୈବପୀଠ ଭାରତରେ ଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଗୋଟିଏ।

## ପ୍ରସିଦ୍ଧ ଶୈବପୀଠ

# ଭୀମାଶଙ୍କର

ପ୍ରସିଦ୍ଧ ଧାର୍ମିକ କ୍ଷେତ୍ର ଭୀମାଶଙ୍କର ମହାରାଷ୍ଟ୍ରର ପୁଣେଠାରୁ ପ୍ରାୟ ୧୨୭ କି.ମି. ଦୂରରେ ଥିବା ସହ୍ୟାଦ୍ରି ନାମକ ପର୍ବତ ଉପରେ ଅବସ୍ଥିତ। ଏହି ଶୈବପୀଠ ଭାରତରେ ଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଗୋଟିଏ। ଉକ୍ତ ମନ୍ଦିର ନିକଟରୁ ଭୀମା ନାମକ ଏକ ନଦୀ ପ୍ରବାହିତ ହୋଇ କୃଷ୍ଣା ନଦୀରେ ମିଶିଛି।

### ଆବିର୍ଭାବକୁ ନେଇ ଲୋକକଥା

ଭୀମାଶଙ୍କର ଜ୍ୟୋତିର୍ଲିଙ୍ଗ ଆବିର୍ଭାବକୁ ନେଇ ଏକ ଲୋକକଥା ରହିଛି। ଲଙ୍କାପତି ରାବଣଙ୍କ ସାନଭାଇ କୁମ୍ଭକର୍ଣ୍ଣଙ୍କର ପୁତ୍ର ଥିଲେ ଭୀମାସୁର। ବାପା କୁମ୍ଭକର୍ଣ୍ଣଙ୍କର ମୃତ୍ୟୁ ଭଗବାନ ରାମଙ୍କ ହାତରେ ହୋଇଥିବା କଥା ଭୀମାସୁରଙ୍କୁ ପ୍ରଥମେ ଜଣା ନ ଥିଲା। ପରେ ସେ ଯେତେବେଳେ ତାଙ୍କ ମାତାଙ୍କଠାରୁ ସମସ୍ତ କଥା ଜାଣିଲେ, ତାଙ୍କ ଭିତରେ ପ୍ରତିଶୋଧର ହିଂସା ଜାଗ୍ରତ ହୋଇଥିଲା। ନିଜ ଉଦ୍ଦେଶ୍ୟକୁ ସାକାର କରିବାକୁ ଯାଇ ସେ ପ୍ରଥମେ କଠୋର ତପସ୍ୟା କରିଥିଲେ। ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଭଗବାନ ବ୍ରହ୍ମା ତାଙ୍କୁ ବିଜୟୀ ହେବାର ଆଶୀର୍ବାଦ ଦେଇଥିଲେ। ଏହାପରେ ଭୀମାସୁର ମନୁଷ୍ୟଙ୍କ ସମେତ ଦେବଦେବୀଙ୍କ ଉପରେ ଅତ୍ୟାଚାର କରିବା ଆରମ୍ଭ କରିଦେଇଥିଲେ। ଭୟଭୀତ ଦେବଦେବୀ ଉପାୟଶୂନ୍ୟ ହୋଇ ଶେଷରେ ଭଗବାନ ଶିବଙ୍କ ଶରଣ ପଶିଥିଲେ, ଯଦ୍ଦ୍ୱାରା ଶିବ ଓ ଭୀମାସୁରଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ଆଉ ଏହି ଯୁଦ୍ଧରେ ପ୍ରଭୁଙ୍କ ହାତରେ ଭୀମାସୁରଙ୍କର ବଧ ହେଲା। ଯେଉଁ ସ୍ଥାନରେ ଏହି ଘଟଣାଟି ଘଟିଥିଲା ତାହା ଥିଲା ମହାରାଷ୍ଟ୍ରସ୍ଥିତ ସହ୍ୟାଦ୍ରି ପାହାଡ଼। ପରବର୍ତ୍ତୀ ସମୟରେ ଦେବତାମାନଙ୍କ ଅନୁରୋଧ କ୍ରମେ ଭଗବାନ ଶିବ ଭୀମାଶଙ୍କର ଜ୍ୟୋତିର୍ଲିଙ୍ଗ ରୂପରେ ଏହି ସ୍ଥାନରେ ଆବିର୍ଭୂତ ହୋଇ ପୂଜା ପାଇବାକୁ ଲାଗିଲେ।

### ଲୋକବିଶ୍ୱାସ

ଯେଉଁ ଭକ୍ତ ଶ୍ରଦ୍ଧା ସହକାରେ ପ୍ରତିଦିନ ସୂର୍ଯ୍ୟୋଦୟ ସମୟରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ନାମକୁ ସ୍ମରଣ କରି ଭୀମାଶଙ୍କର ମନ୍ଦିର ପରିଦର୍ଶନ କରିଥାନ୍ତି, ତାଙ୍କର ସାତ ଜନ୍ମର ପାପ କ୍ଷୟ ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି।

### ମନ୍ଦିରର ଗଠନଶୈଳୀ

ଭୀମାଶଙ୍କର ମନ୍ଦିର ନାଗରା ଶୈଳୀର ବାସ୍ତୁକଳାରେ ତିଆରି ଏକ ପ୍ରାଚୀନ ତଥା ନୂଆ ସଂରଞ୍ଚନାର ସମ୍ମିଶ୍ରଣ। ଏହି ମନ୍ଦିରର ସ୍ଥାପତ୍ୟ କଳାକୁ ଦେଖିଲେ ପ୍ରାଚୀନ କାଳର ବାସ୍ତୁଶିଳ୍ପୀମାନଙ୍କର କୁଶଳୀ କାରିଗରି ସମ୍ପର୍କରେ ଅନେକ କିଛି ଶିଖିବାକୁ ମିଳିଥାଏ। କୁହାଯାଏ, ମରାଠା ଶାସକ ଛତ୍ରପତି ଶିବାଜୀ ଏହି ମନ୍ଦିରରେ ପୂଜା ପାଇଁ ଅନେକ ବ୍ୟବସ୍ଥା କରାଇଥିଲେ।

### ଆଉ କ'ଣ ଦେଖିବେ

ମନ୍ଦିର ନିକଟବର୍ତ୍ତୀ ଅଞ୍ଚଳରେ ଏକ ବନ୍ୟଜୀବ ଅଭୟାରଣ୍ୟ ରହିଛି। ତା'ଛଡ଼ା ହନୁମାନ ହ୍ରଦ, ଗୁପ୍ତ ଭୀମାଶଙ୍କର, ଭୀମା ନଦୀର ଉତ୍ପତ୍ତିସ୍ଥଳ, ନାଗଫଣୀ, ବମ୍ବେ ପଏଣ୍ଟ, ସାକ୍ଷୀ ବିନାୟକ ଭଳି ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀ ବି ପର୍ଯ୍ୟଟକ ଏଠାରେ ଦେଖିବାକୁ ପାଇବେ। ସେହିପରି ଟ୍ରେକିଂପ୍ରିୟ ପର୍ଯ୍ୟଟକ ଏଠାରେ ଟ୍ରେକିଂର ମଜା ମଧ୍ୟ ଉଠାଇପାରିବେ।

### କେମିତି ଯିବେ

ଏଠାକୁ ପର୍ଯ୍ୟଟକ ସଡ଼କପଥ, ରେଳପଥ ତଥା ଆକାଶମାର୍ଗରେ ଯାଇପାରିବେ। ପ୍ରଥମେ ପୁଣେରେ ପହଞ୍ଚି ସେଠାରୁ ସରକାରୀ ବସ୍ ଯୋଗେ ଜଣେ ସୁବିଧାରେ ଯାଇ ଭୀମାଶଙ୍କର ମନ୍ଦିରରେ ପହଞ୍ଚିଯିବେ। ମହାଶିବରାତ୍ରି ସମୟରେ ଏଠାରେ ବହୁ ଭକ୍ତଙ୍କ ସମାଗମ ହେଉଥିବାରୁ ସରକାରଙ୍କ ତରଫରୁ କେତୋଟି ସ୍ୱତନ୍ତ୍ର ବସ୍‌ର ବ୍ୟବସ୍ଥା କରାଯାଇଥାଏ।

### କେବେ ଯିବେ

ଏଠାକୁ ବର୍ଷର ଯେ କୌଣସି ସମୟରେ ଯାଇହେବ। ତେବେ ଟ୍ରେକିଂପ୍ରିୟ ପର୍ଯ୍ୟଟକ ବର୍ଷାଦିନେ ଏଠାକୁ ନ ଯାଇ ବାକି ଅନ୍ୟ ସମୟରେ ଟ୍ରେକିଂ ପାଇଁ ଯାଇପାରିବେ।










# ଓପନ୍ ଏୟାର ଜିମ୍

ଜିମ୍ କହିଲେ ଏକ ଆବଦ୍ଧ ଘର ଭିତରେ ବିଭିନ୍ନ ବ୍ୟାୟାମ ଉପକରଣ ସାହାଯ୍ୟରେ ଝାଳବୁହା ପରିଶ୍ରମ କରି ବ୍ୟାୟାମ କରିବାକୁ ବୁଝାଯାଏ। ହେଲେ ଯଦି ଖୋଲା ଆକାଶ ତଳେ ପ୍ରକୃତିର କୋଳ ଭିତରେ ଏଭଳି ବ୍ୟାୟାମ କରି ହୁଅନ୍ତା କେମିତି ଲାଗନ୍ତା ! ଜାଣନ୍ତି ଏମିତି ଏକ ଜିମ୍ ବାସ୍ତବରେ କରାଯାଇଛି। ସେପୁଣି ସମୁଦ୍ର କୂଳରେ। ଏହି ଜିମ୍‌ରେ ବ୍ୟାୟାମ୍ କରିବାବେଳେ ସମୁଦ୍ର କୂଳର ଥଣ୍ଡା ପବନ ଦେହର ଝାଳକୁ ସୁଖେଇ ଦେବା ସହ ଏଠାକାର ତାଜା ପବନ ମନକୁ ତାଜା କରିଦିଏ। ଏହି ଜିମ୍‌ଟି ନୂଆ କରି ଆରମ୍ଭ ହୋଇଛି କେରଳ, କନ୍ନୁରର ପୟମ୍‌ବଲମ୍ ବେଳାଭୂମିରେ। ଏହା ହେଉଛି ଭାରତର ସର୍ବପ୍ରଥମ ବେଳାଭୂମି, ଯେଉଁଠି ଓପନ୍ ଏୟାର ଜିମ୍ ଆରମ୍ଭ ହୋଇଛି। ସମୁଦ୍ରଠାରୁ ମାତ୍ର ୧୫୦ ମିଟର ଦୂରତାରେ ରହିଛି ଉକ୍ତ ଜିମ୍। ଏହାର ନାଁ ହେଉଛି 'ଦି ଆମ୍ଫିବିଆନ୍: ହ୍ୱେର୍ ମ୍ୟାନ୍ ମିଟ୍ସ ସି'। ଏହାକୁ ନିର୍ମାଣ କରାଇଛନ୍ତି କନ୍ନୁର ଜିଲାପାଳ ମୀର ମହମ୍ମଦ ଅଲ୍ଲୀ। ଏହି ବିଚ୍ ସାଇଡ୍ ଜିମ୍‌ରେ ବୟସ୍କଙ୍କ ପାଇଁ ରେଗୁଲାର୍ ଓ୍ୱାର୍କ ଆଉଟ୍ ଇକ୍ୟୁପମେଣ୍ଟ ସହ ପିଲାଙ୍କ ପାଇଁ ସ୍ୱତନ୍ତ୍ର ସେକ୍ସନ୍ ରହିଛି। ଏଥିରେ ଏକ ମିନି ରକ୍ କ୍ଲାଇମ୍ବିଂ ଓ୍ୱାଲ ବି ରହିଛି। ଏହି ସ୍ଥାନ ଏବେ ଛୋଟଠୁ ବଡ଼ ସଭିଙ୍କ ପାଇଁ ପ୍ରିୟ ପାଲଟି ଯାଇଛି।





## କାର୍ଟୁନ କର୍ଣ୍ଣର



# ପୁଅର ନାଁ 'ନ୍ୟୁ ଫୋଲ୍ଡର'



ବର୍ତ୍ତମାନର ଯୁଗ ଡିଜିଟାଲ ଯୁଗ। ଏ ଯୁଗରେ ସବୁକିଛି ଡିଜିଟାଲ। ଲୋକମାନଙ୍କର ମାନସିକତା ବି କ୍ରମଶଃ ଡିଜିଟାଲ ହେବା ଆରମ୍ଭ କଲାଣି। ଏମିତିକି ଲୋକମାନେ ସେମାନଙ୍କର ପିଲାମାନଙ୍କ ନାମକରଣ ବି ଡିଜିଟାଲ କରିବା ଆରମ୍ଭ କଲେଣି। ଯେମିତି ଗୋଟିଏ ଦମ୍ପତି ସେମାନଙ୍କ ପୁଅର ନାମ ରଖିଛନ୍ତି 'ନ୍ୟୁ ଫୋଲ୍ଡର'। ଏହି ଦମ୍ପତି ହେଉଛନ୍ତି ହୋଷ୍ଟନ୍‌ର ବେନ୍ ଏବଂ ଡାଏନା ଡେଭିସ୍। କମ୍ପ୍ୟୁଟର ସହିତ ପରିଚିତ ବ୍ୟକ୍ତିମାନଙ୍କୁ ବୁଝାଇ କହିବାକୁ ପଡ଼ିବ ନାହିଁ ଯେ, ନ୍ୟୁ ଫୋଲ୍ଡର କ'ଣ ? ତେବେ ଏପରି ନାମକରଣ କରିବା ପଛରେ ଗୋଟିଏ ରୋଚକ କାହାଣୀ ମଧ୍ୟ ରହିଛି। ଉଭୟ ବେନ୍ ଓ ଡାଏନା ସଫ୍ଟୱେର ପର୍ସନାଲିଟି। ସେମାନଙ୍କର ଯେତେବେଳେ ପୁଅ ଜନ୍ମହେଲା, ସମସ୍ତେ ସେମାନଙ୍କୁ ନ୍ୟୁ ଫାଦର ନ୍ୟୁ ମଦର ବୋଲି ଡାକିଲେ। ଆଉ ପୁଅକୁ ନ୍ୟୁ ସଫ୍ଟୱେର ବୋଲି କହିଲେ। ସେମାନଙ୍କ ମୁଣ୍ଡକୁ ଗୋଟିଏ ଅଦ୍ଭୁତ ଧାରଣା ଛୁଟିଲା। ସ୍ୱାମୀ ସ୍ତ୍ରୀ କଥାହେଲେ ପୁଅର ନାମକୁ କମ୍ପ୍ୟୁଟର ଅନୁଯାୟୀ ନାମକରଣ କରିବେ। ସେମାନେ ରଖିଲେ 'ନ୍ୟୁ ଫୋଲ୍ଡର'। କମ୍ପ୍ୟୁଟରରେ ଯେମିତି ନୂଆ କିଛି ଫାଇଲ୍ ରଖିବାକୁ ହେଲେ ଗୋଟିଏ ନ୍ୟୁ ଫୋଲ୍ଡର ଖୋଲିବାକୁ ହୁଏ, ଠିକ୍ ସେମିତି ପୁଅ ଆସିବା ପରେ ତାକୁ ନେଇ ଅନେକ କିଛି ନୂଆ ଘଟିବ। ଆଉ ତାହାକୁ ସେ ନ୍ୟୁ ଫୋଲ୍ଡର (ପୁଅ) ଜରିଆରେ ସାଇତି ରଖିବେ।

# ସାତ ବର୍ଷରୁ ଶର୍ମିଷ୍ଠା...



ଶର୍ମିଷ୍ଠାଙ୍କ ପାଇଁ ଯାତ୍ରା ଗୋଟେ ନିଶା। ନହେଲେ ମାତ୍ର ସାତ ବର୍ଷ ବୟସରେ ସେ କ'ଣ ନିଜ ମାମୁମାଇଁଙ୍କ ପାଖରେ ଅଡ଼ି ବସିଥାନ୍ତେ, ମୁଁ ଆଉ ଘରକୁ ଯିବିନି। ଯାତ୍ରାରେ ତୁମମାନଙ୍କ ପାଖରେ ରହିବି। ପୁରୀ ଜିଲାରେ ଜନ୍ମିତା ଶର୍ମିଷ୍ଠା ସ୍ୱାଇଁଙ୍କ ମାମୁ ପ୍ରସନ୍ନ ମହାନ୍ତି ଓ ମାଇଁ ଅନ୍ନପୂର୍ଣ୍ଣା ମହାନ୍ତି ଥିଲେ ଯାତ୍ରା ଜଗତର ଦୁଇଜଣ ନାମକରା ଗାୟକ ଓ ଗାୟିକା। ସେମାନେ ଅଷ୍ଟଶମ୍ଭୁରେ ଥିବା ବେଳେ ମା'ଙ୍କ ସହିତ ଶର୍ମିଷ୍ଠା ବୁଲି ଯାଇଥିଲେ ମାମୁମାଇଁଙ୍କ ନିକଟକୁ। ଆଉ ଘରକୁ ଫେରିବାକୁ ମନକଲେ ନାହିଁ। ମାମୁମାଇଁ ବି ଶର୍ମିଷ୍ଠାଙ୍କୁ ରଖିଦେଲେ ପାଖରେ। କ୍ୟାମ୍ପ୍ ପରେ କ୍ୟାମ୍ପ ବୁଲେଇଲେ ଆଉ ଗୀତ ଶିଖେଇଲେ। ଦିନକର ଘଟଣା– ମାଇଁଙ୍କ ଗଳା ବସି ଯାଇଥାଏ। ମାଇଁଙ୍କ ସ୍ଥାନନେଲେ ଶର୍ମିଷ୍ଠା। ନାଟକର ସିକ୍ୱେନ୍ସ ଗୀତ ସବୁକୁ ଗାଇଲେ। ସମସ୍ତଙ୍କ ପାଇଁ ଏହା ଥିଲା ଏକ ଆଚମ୍ବିତ ଘଟଣା। ତା'ପରେ ତାଙ୍କୁ ମେଲୋଡ଼ି ତଥା ଛୋଟ

**ଦିନକର ଘଟଣା- ମାଇଁଙ୍କ ଗଳା ବସି ଯାଇଥାଏ। ମାଇଁଙ୍କ ସ୍ଥାନନେଲେ ଶର୍ମିଷ୍ଠା। ନାଟକର ସିକ୍ୱେନ୍ସ ଗୀତ ସବୁକୁ ଗାଇଲେ। ସମସ୍ତଙ୍କ ପାଇଁ ଏହା ଥିଲା ଏକ ଆଚମ୍ବିତ ଘଟଣା। ତା'ପରେ ତାଙ୍କୁ ମେଲୋଡ଼ି ତଥା ଛୋଟ ପିଲାଙ୍କ ପାଇଁ ଗୀତ ବୋଲିବାକୁ ଦିଆଗଲା।**

ପିଲାଙ୍କ ପାଇଁ ଗୀତ ବୋଲିବାକୁ ଦିଆଗଲା। ବାପା କିନ୍ତୁ ଚାହୁଁ ନ ଥିଲେ ଝିଅ ଯାତ୍ରାରେ ଗୀତ ଗାଉ। ତାଙ୍କୁ ଘରକୁ ଫେରେଇ ଆଣିଲେ। ମାତ୍ର ସେତେବେଳକୁ ଯାତ୍ରା ପ୍ରେମରେ ପଡ଼ିଯାଇଥିଲେ ଶର୍ମିଷ୍ଠା। ତିନିବର୍ଷ ପରେ ଯୋଗଦେଲେ ବାଣେଶ୍ୱରୀରେ। ସେବେଠୁ ଚାଲିଛନ୍ତି ଯେ ୟା ମଧ୍ୟରେ ବାରବର୍ଷ ବିତିଗଲାଣି। ବିଭିନ୍ନ ପାର୍ଟିରେ ଯୋଗଦେଇ ଏବେ ଆସି ପହଞ୍ଚିଛନ୍ତି କୋଣାର୍କ ଗଣନାଟ୍ୟରେ। ମୁଖ୍ୟତଃ ଲତା ମଙ୍ଗେସ୍କରଙ୍କ ଗୀତ ଗାଇବାକୁ ପସନ୍ଦ କରୁଥିବା ଶର୍ମିଷ୍ଠାଙ୍କ ହିଟ୍ ତାଲିକାରେ ରହିଛି 'ଶିବାନୀ'ର 'ଚନ୍ଦନ ଟୋପାକୁ ନାଲି ଅଳତା', 'ତ୍ରିନାଥ'ର 'ବରଷା ରାଣୀର ଭିଜା ଓଢ଼ଣି', 'କୋଣାର୍କ'ର 'ବଦନାମ ହେଲି ତୋରି ପାଇଁ' ଆଦିର ଟାଇଟଲ ଟ୍ରାକ୍। ପୁଅ ସତ୍ୟଦୀପକୁ ନିଜ ଜୀବନଠୁ ଅଧିକ ଭଲ ପାଉଥିବା ଶର୍ମିଷ୍ଠା କହନ୍ତି: ଗାୟକ ଗାୟିକାମାନେ ନିଜକୁ ସୁସଜ୍ଜିତ କରି ଗୀତ ଗାଇଲେ ମଞ୍ଚରେ ଗୀତ ଭଲ ହେବା ସହିତ ଦର୍ଶକମାନଙ୍କର ଭଲପାଇବା ମିଳିପାରିବ।

# ସାବଧାନ! ନାଟକକୁ ନେଇ ସ୍ୱପ୍ନ ଦେଖନି...

**ଦୀପକଙ୍କ ନାଟକ ଜୀବନ ଆରମ୍ଭ ହୋଇଥିଲା ଗାଁରୁ। ଆଉ ମା'ଙ୍କ ପ୍ରେରଣାରୁ ସେ ଲେଖିଥିଲେ ନାଟକ। ମାଇକ୍‌ରେ ନାଟକ ଶୁଣିବା ବେଳେ ମା' କହନ୍ତି ତୁ ନାଟକ ଲେଖୁନୁ, ତୋ ନାଟକ ବି ମାଇକ୍‌ରେ ବାଜିବ। ବାସ୍, ଏତିକି ପ୍ରେରଣା ଯଥେଷ୍ଟ ଥିଲା ନାଟକ ଲେଖିବା ପାଇଁ।**



ଓଲିଉଡର ସବୁଠାରୁ ବ୍ୟସ୍ତ ତଥା ଚର୍ଚ୍ଚିତ ନାଟ୍ୟକାର ଡ. ଦୀପକ ଯେନା। ତାଙ୍କର ଲୋକପ୍ରିୟ ନାଟକଗୁଡ଼ିକ ମଧ୍ୟରେ ରହିଛି ସ୍ୱାମୀମାନେ ସାବଧାନ, ସ୍ତ୍ରୀମାନେ ସାବଧାନ, ବଳାତ୍କାରୀକୁ ଫାଶୀଦିଅ, ବ୍ରହ୍ମଚଣ୍ଡାଳ, ଯେତେ ଗୋରୀ ସେତେ ଷ୍ଟୋରି, ବେତାଳ କଥା, ତମେ କହିବ ନା ମୁଁ କହିବି, ସିନ୍ଦୂର ସାଜିଲା କଳଙ୍କ ଟିକା, ଦୁନିଆ କହିବ କିଏ ମୋ ସ୍ୱାମୀ, ବଦନାମ ହେଲି ତୋରି ପାଇଁ, ଫଗୁଣ ଦେଶର ରାଜକୁମାରୀ, ଭଲ ପାଇବାକୁ ଭୟ ଲାଗୁଛି, ବାହା ହେଇଛ ନା ବାଡୁଅ ଅଛ ଏବଂ ଆହୁରି ଅନେକ। ଇତିମଧ୍ୟରେ ତିରିଶରୁ ଅଧିକ ସଫଳ ନାଟକ ଲେଖି ସାରିଥିବା ଦୀପକ କେବଳ ନିଜକୁ ନାଟକ ଭିତରେ ଆବଦ୍ଧ କରି ରଖିନାହାନ୍ତି; ଅଧିକନ୍ତୁ ବହୁ ଓଡ଼ିଆ ଫିଲ୍ମରେ ସଂଳାପ ତଥା ଅନେକ ଲୋକପ୍ରିୟ ଆଲବମ୍‌ର ଗୀତ ରଚନା କରି ନିଜ ଭର୍ସାଟିଲିଟିର ପରିଚୟ ଦେଇଛନ୍ତି। ତାଙ୍କର ଫିଲ୍ମଗୁଡ଼ିକ ମଧ୍ୟରେ ରହିଛି ବାଲୁଙ୍ଗା ଟୋକା, ରଙ୍ଗିଲା ଟୋକା, ଚଉକା ଛକା, ମୁଁ ଆସିକ୍ ମୁଁ ଆୱାରା, ଓମ୍, ଆମେ ତ ଟୋକା ଷଣ୍ଢମାର୍କା, ତୁ ଆଉ ମୁଁ ଏବଂ ରୋମିଓ ଜୁଲିଏଟ୍। ଯାଜପୁରର ନଥିପୁର ଗ୍ରାମରେ ଲୋକନାଥ ଯେନା ଏବଂ ଦ୍ରୌପଦୀଙ୍କ ଗର୍ଭରୁ ଜନ୍ମ ହୋଇଥିବା ଏହି ଲେଖକଙ୍କର ପେସା ଅଧ୍ୟାପନା। ନିଶା କିନ୍ତୁ ରଚନା ଆଉ ସର୍ଜନା। ଦୀପକଙ୍କ ନାଟକ ଜୀବନ ଆରମ୍ଭ ହୋଇଥିଲା ଗାଁରୁ। ଆଉ ମା'ଙ୍କ ପ୍ରେରଣାରୁ ସେ ଲେଖିଥିଲେ ନାଟକ। ମାଇକ୍‌ରେ ନାଟକ ଶୁଣିବା ବେଳେ ମା' କହନ୍ତି ତୁ ନାଟକ ଲେଖୁନୁ, ତୋ ନାଟକ ବି ମାଇକ୍‌ରେ ବାଜିବ। ବାସ୍, ଏତିକି ପ୍ରେରଣା ଯଥେଷ୍ଟ ଥିଲା ନାଟକ ଲେଖିବା ପାଇଁ। ଲେଖାଗଲା ନାଟକ 'ଜହ୍ନ ଆଖିରେ ଲୁହ'। ଏହାକୁ ଗାଁରେ ମଞ୍ଚସ୍ଥ କରେଇଲେ ଗେଡୁସାର। ନାଟକର ଖଡ଼ିଛୁଆଁ ହେଇଗଲା ଦୀପକଙ୍କର। ତେବେ ତାଙ୍କୁ ଯାତ୍ରା ଜଗତକୁ ଆଣିଲେ ଭେଟେରାନ୍ ନିର୍ଦ୍ଦେଶକ ଲିଟିଲ ମାଷ୍ଟର ବିନୋଦ ରାଉତ। ତାଙ୍କ ରଚିତ ତଥା 'ରଙ୍ଗମହଲ' ପ୍ରଯୋଜିତ ନାଟକ 'ସ୍ୱାମୀମାନେ ସାବଧାନ' ଚହଳ ପକାଏ। ଆଉ ତାଙ୍କୁ ମିଳିଯାଏ ନାଟ୍ୟକାରର ସ୍ୱୀକୃତି। ଚଳିତବର୍ଷ ତାଙ୍କର ନାଟକଗୁଡ଼ିକ ମଧ୍ୟରେ 'ଭଲ ପାଇବାକୁ ଭୟ ଲାଗୁଛି', 'ବାହା ହେଇଛ ନା ବାଡୁଅ ଅଛ' ଆଦି ବେଶ୍ ସଫଳତା ସାଉଣ୍ଟି ସାରିଲାଣି। ଯାତ୍ରା ନାଟକକୁ ନେଇ ସ୍ୱପ୍ନ କ'ଣ ରହିଛି ବୋଲି ଗୋଟେ ପ୍ରଶ୍ନର ଉତ୍ତରରେ ଦୀପକ କହନ୍ତି : ଯାତ୍ରା ନାଟକକୁ ନେଇ ସ୍ୱପ୍ନ ଦେଖନ୍ତୁନି। ସ୍ୱପ୍ନ ଦେଖିଲେ ନାଟକ ଛାଡ଼ିବାକୁ ପଡ଼ିବ।











# ମିନି ଚେୟାର୍ ସଂଗ୍ରହ

ଛୋଟ ପିଲା ଖାସ୍ କରି କୁନି ଝିଅମାନେ ଖେଳଣା କଢ଼େଇ, ଡେକ୍‌ଚି ସହ ଘରର ବିଭିନ୍ନ ଆସବାବପତ୍ରର ଖେଳଣା ଯେମିତିକି ଚେୟାର, ଟେବୁଲ, ଖଟ ଆଦି ଧରି ଖେଳିବା ଓ ତାକୁ ସଜାଡ଼ି ରଖିବା ଦେଖିଥିବେ । ତେବେ କୌଣସି ବୟସ୍କା ମହିଳା କୁନିକୁନି ଖେଳଣା ଚେୟାରକୁ ଭଲ ପାଇବା ଓ ସେଗୁଡିକୁ ସଜାଡ଼ି ରଖୁଥିବା ଜାଣି ନ ଥିବେ । ଆମେରିକା, ଷ୍ଟୋନ୍ ମାଉଣ୍ଟେନ ଗ୍ରାମର ବାର୍‌ବରା ହାର୍ଟସ୍ ଫିଲ୍ଡ ନାମ୍ନୀ ଜଣେ ମହିଳାଙ୍କୁ ଭଲ ଲାଗେ ମିନି ଚେୟାର୍ ସଂଗ୍ରହ କରିବା । ପ୍ରତି ୱିକେଣ୍ଡରେ ସେ ବିଭିନ୍ନ ସ୍ଥାନରୁ ମିନି ଚେୟାର୍ କିଣନ୍ତି । ଦୀର୍ଘ ୧୦ ବର୍ଷ ଧରି ସଂଗ୍ରହ କରି ବର୍ତ୍ତମାନ ତାଙ୍କ ନିକଟରେ ୩୦୦୦ରୁ ଊର୍ଦ୍ଧ୍ୱ ମିନି ଚେୟାର୍ ହୋଇଗଲାଣି । ଆଉ ଏହି ସଂଗ୍ରହ ତାଙ୍କୁ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ବି ସ୍ଥାନ ଦେଇଛି । ତାଙ୍କ ନିକଟରେ ବିଭିନ୍ନ ପ୍ରକାରର ମିନି ଚେୟାର ଅଛି । ବୋତଲ ଭିତରେ ଚେୟାର, ଚେୟାର ଭିତରେ ଚେୟାର, ଚେୟାର୍‌ର ଇୟରିଂ ହୋଲ୍ଡର୍ । ତା'ସହ ସେଥିରେ ଝୁଲୁଥିବା ଚେୟାର୍‌ର ଇୟରିଂ । ତାଛଡା ତାଙ୍କ ପାଖରେ ଏକ ସୁସଜ୍ଜିତ କ୍ରିସ୍‌ମସ୍ ଟ୍ରି ବି ଅଛି । ଯାହା ୧୦୦ରୁ ଊର୍ଦ୍ଧ୍ୱ ପ୍ରକାରର ଅଳଙ୍କାରରେ ସଜ୍ଜିତ । ଆଉ ପ୍ରତ୍ୟେକ ଅଳଙ୍କାର ଗୋଟିଏ ଗୋଟିଏ ଭିନ୍ନ ଡିଜାଇନ୍ ଓ ଆକୃତିର ଚେୟାର । ତାଙ୍କର ପ୍ରତ୍ୟେକ ମିନି ଚେୟାର୍ ବେଶ୍ ଆକର୍ଷକ ଓ ସ୍ୱତନ୍ତ୍ର । ସେ ଏକ ମିନି ଚେୟାର୍ ଗ୍ୟାଲେରି ବି କରିଛନ୍ତି, ଯାହାକୁ ଦେଖିବାପାଇଁ ବହୁତ ଲୋକ ଆସନ୍ତି ।

**ବର୍ତ୍ତମାନ ତାଙ୍କ ନିକଟରେ ୩୦୦୦ରୁ ଊର୍ଦ୍ଧ୍ୱ ମିନି ଚେୟାର୍ ହୋଇଗଲାଣି। ଆଉ ଏହି ସଂଗ୍ରହ ତାଙ୍କୁ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ବି ସ୍ଥାନ ଦେଇଛି ।**









# କଙ୍କାଳଙ୍କ ସହ ପିଇବେ କଫି

ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ର ଏକ ରେଷ୍ଟୁରାଣ୍ଟ ଦିନକୁ ଦିନ ଚର୍ଚ୍ଚିତ ହେବାରେ ଲାଗିଛି । ରେଷ୍ଟୁରାଣ୍ଟର ନାଁ ହେଉଛି 'ଡେଥ୍ ଆୱେରନେସ୍' କାଫେ । ଏଠାକୁ ଆସୁଥିବା ଗ୍ରାହକଙ୍କୁ ଜିଇଥିବା ଅବସ୍ଥାରେ ମୃତ୍ୟୁର ଅନୁଭବ କରାଯାଏ । ଗ୍ରାହକଙ୍କୁ ଫୁଲରେ ସଜ୍ଜିତ ଧଳା ରଙ୍ଗର କଫିନ୍‌ରେ ଶୁଆଇ ଖାଦ୍ୟର ଅର୍ଡର ନିଆଯାଏ । ରେଷ୍ଟୁରାଣ୍ଟର ଏହି ଅଜବ ଯୋଜନା ଗ୍ରାହକଙ୍କୁ ଆକୃଷ୍ଟ କରୁଛି । ଲୋକମାନେ ଖୁସିରେ ଉକ୍ତ ରେଷ୍ଟୁରାଣ୍ଟକୁ ଆସୁଛନ୍ତି ଆଉ ନରକଙ୍କାଳଙ୍କ ସହ 'ଡେଥ୍' ଓ 'ପେନ୍‌ଫୁଲ୍' ନାମକ ଡ୍ରିଙ୍କ ଏଞ୍ଜୟ କରୁଛନ୍ତି । ଉକ୍ତ ରେଷ୍ଟୁରାଣ୍ଟ ଖୋଲିବା ପଛର କାରଣ ହେଉଛି, ଲୋକଙ୍କୁ ନିଜ ଜୀବନ ପ୍ରତି ସଜାଗ କରାଇବା । ଅର୍ଥାତ୍ ଏଠି ଲୋକଙ୍କୁ ସେମାନଙ୍କ ଜୀବନର ମୂଲ୍ୟ ବୁଝାଯାଏ । ଯେମିତିକି ସେମାନେ ଭଲ ଓ ଆନନ୍ଦମୟ ଜୀବନ ଅତିବାହିତ କରିବାକୁ ଚେଷ୍ଟା କରିବେ । ତେଣୁ ଏହି ସ୍ଥାନର ନାମ 'କିଡ ମଈ ଡେଥ୍ କାଫେ' ବି କୁହାଯାଏ । କିଡ୍ ମଈର ଇଂରାଜୀ ଅର୍ଥ ହେଉଛି 'ଥିଙ୍କ ନ୍ୟୁ' ।